আজি - বুধবার



ଆଜି - ବୁଧବାର
ତାରିଖ - ୨୫ ଫେବୃଆରୀ ୨୦୨୬
ମାସ - କୁମ୍ଭ, ଦିନ - ୧୩
ତିଥି - ନବମୀ, ପକ୍ଷ - ଶୁକ୍ଳ
ନକ୍ଷତ୍ର - ରୋହିଣୀ, ବୃଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୧୩ : ୦୦
ସୂର୍ଯ୍ୟାସ୍ତ - ୫ : ୪୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.theajikali.com


"ବାରମ୍ବାର ବହୁତ କଥା କହି ପାରୁଛନ୍ତି ବୋଲି ଜଣେ ବ୍ୟକ୍ତିଙ୍କୁ ଜ୍ଞାନୀ କୁହାଯାଇ ନଥାଏ; ବରଂସେ ଯଦି ଶାନ୍ତ, ପ୍ରିୟ ଏବଂ ନିର୍ଭୀକ ହୋଇଥାନ୍ତି, ତା'ହେଲେ ସେ ସତ୍ୟରେ ରହିଥାନ୍ତି ଯାହାକୁ ଜ୍ଞାନ କୁହା ଯାଇଥାଏ ।"
- ଗୌତମ ବୁଦ୍ଧ


Vol.- 40 ISSUE- 314 R.N.I. REGD. No. 44026/86 ବାଲେଶ୍ୱର ୨୫ ଫେବୃଆରୀ ୨୦୨୬ ବୁଧବାର BALASORE 25 FEBRUARY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ଅନୁଷ୍ଠିତ

### "କେରଳ"ର ନାମ ପରିବର୍ତନ କରି "କେରଳମ" କରିବା ପ୍ରସ୍ତାବକୁ ମଞ୍ଜୁରୀ



ନୂଆଦିଲ୍ଲୀ : କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପରେ, ରାଷ୍ଟ୍ରପତି ଭାରତୀୟ ସମ୍ବିଧାନର ଧାରା ୩ର ସର୍ତାବଳୀ ଅନୁଯାୟୀ ନିଜର ମତାମତ ପ୍ରକାଶ କରିବା ପାଇଁ କେରଳ (ନାମ ପରିବର୍ତନ) ବିଲ୍, ୨୦୨୬ ନାମକ ବିଧେୟକକୁ କେରଳ ରାଜ୍ୟ ବିଧାନସଭାକୁ ପଠାଇବେ । କେରଳ ରାଜ୍ୟ ବିଧାନସଭାର ମତାମତ ଗ୍ରହଣ କରିବା ପରେ, ଭାରତ ସରକାର ପରବର୍ତୀ ପଦକ୍ଷେପ ନେବେ ଏବଂ ସଂସଦରେ 'କେରଳ' ରାଜ୍ୟର ନାମ 'କେରଳମ' କରିବା ପାଇଁ କେରଳ (ନାମ ପରିବର୍ତନ) ବିଲ୍, ୨୦୨୬ ଆଗତ କରିବା ପାଇଁ ରାଷ୍ଟ୍ରପତିଙ୍କ ସୁପାରିସ ଗ୍ରହଣ କରାଯିବ । କେରଳ ବିଧାନସଭା ୨୪.୦୬.୨୦୨୪ରେ "କେରଳ" ରାଜ୍ୟର ନାମକୁ "କେରଳମ" କରିବା ପାଇଁ ଏକ ସଂକଳ୍ପ ଗୃହୀତ କରିଥିଲା, ଯାହା ନିମ୍ନରେ ଉଲ୍ଲେଖ କରାଗଲା: 'ଆମ ରାଜ୍ୟର ନାମ ମାଲାୟଲମ ଭାଷାରେ 'କେରଳମ' । ୧୯୫୬ ମସିହା ନଭେମ୍ବର ୧ ତାରିଖରେ ଭାଷା ଭିତିରେ ରାଜ୍ୟଗୁଡ଼ିକ ଗଠିତ ହୋଇଥିଲା । କେରଳ ପିରାଭି ଦିବସ ମଧ ନଭେମ୍ବର ୧ ତାରିଖରେ ପାଳିତ ହୁଏ । ଜାତୀୟ ସ୍ୱାଧୀନତା ସଂଗ୍ରାମ ସମୟରୁ, ମାଲାୟଲମ ଭାଷା କହୁଥିବା ଲୋକଙ୍କ ପାଇଁ ସଂଯୁକ୍ତ କେରଳ ଗଠନ ନିମନ୍ତେ ଏକ ଦୃଢ଼ ଦାବି ହୋଇଆସୁଛି । କିନ୍ତୁ ସମ୍ବିଧାନର ପ୍ରଥମ ଅନୁସୂଚୀରେ ଆମ ରାଜ୍ୟର ନାମ 'କେରଳ' ଭାବରେ ଲିପିବଦ୍ଧ ହୋଇଛି । ଏହି ବିଧାନସଭା ସର୍ବସମ୍ମତିକ୍ରମେ ନାମ ପରିବର୍ତନ କରି 'କେରଳମ' କରିବା ପାଇଁ ସମ୍ବିଧାନର ଧାରା ୩ ଅନୁଯାୟୀ ଜରୁରୀ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ନିବେଦନ କରୁଛି ।' ଏହା ପରେ, କେରଳ ସରକାର ସମ୍ବିଧାନର ଧାରା ୩ ଅନୁଯାୟୀ 'କେରଳ' ରାଜ୍ୟର ନାମକୁ ଅ 'କେରଳମ' କରି ସମ୍ବିଧାନର ପ୍ରଥମ ଅନୁସୂଚୀରେ ସଂଶୋଧନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି । ସମ୍ବିଧାନର ଧାରା ୩ରେ ବର୍ତମାନର ରାଜ୍ୟଗୁଡ଼ିକର ନାମ ପରିବର୍ତନ ପାଇଁ ବ୍ୟବସ୍ଥା ଅଛି । ଧାରା ୩ ଅନୁଯାୟୀ, ସଂସଦ ଆଇନ ଦ୍ୱାରା ଯେକୌଣସି ରାଜ୍ୟର ନାମ ପରିବର୍ତନ କରିପାରିବ । ଧାରା ୩ର ବ୍ୟବସ୍ଥାବଳୀରେ ଆହୁରି କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ସୁପାରିସ ବ୍ୟତୀତ ସଂସଦର ଉଭୟ ଗୃହରେ ଏହି ଉଦ୍ଦେଶ୍ୟରେ କୌଣସି ବିଲ୍ ଆଗତ କରାଯିବ ନାହିଁ ।

## ବିଧାନସଭାର ୨୦୨୬-୨୭ ବଜେଟ୍ ଆଲୋଚନାରେ ଉତର ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବିଧାନସଭାର ବଜେଟ୍ ଅଧିବେଶନ ୨୦୨୬-୨୭ର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ହୋଇଛି । ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ହୋଇଛି । ଗୃହକୁ ଆସନ୍ତା ମାର୍ଚ୍ଚ ୯ ତାରିଖ ସକାଳ ସାଢ଼େ ୧୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ମାର୍ଚ୍ଚ ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଅନୁଷ୍ଠିତ ହେବ । ଚାଷୀ ପ୍ରସଙ୍ଗ ଉଠାଇ ଗୃହରେ ବିରୋଧୀମାନେ ସରକାରଙ୍କୁ ସମାଲୋଚନା କରୁଥିବାବେଳେ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ । ସାରା କୃଷକ ସମାଜ ଏହି ଆଲୋଚନା ପାଇଁ ଅପେକ୍ଷା କରିଥିଲା, ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ପାଇଁ ସେମାନେ ଦୁଇ ଦୁଇ ଥର ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନାର ନିର୍ଯ୍ୟାସ ପାଇଁ ଅପେକ୍ଷା କରିଥିଲେ । କିନ୍ତୁ, ମୁଖ୍ୟ ବିରୋଧୀଦଳ ଚାଷୀଙ୍କ ନାଁରେ ନିଛକ ରାଜନୀତି କରୁଛନ୍ତି । ସାଧାରଣ ବଜେଟ ଉପରେ ଯାହାବି ଅଳ୍ପ ବହୁତ ଆଲୋଚନା ହୋଇ ପାରିଛି, ଯେଉଁ ସବୁ ମତାମତ, ପରାମର୍ଶ ଆସିଛି, ତାହା ଉପରେ ମୁଁ ସରକାରଙ୍କ ପକ୍ଷ ଉତର ମାଧ୍ୟମରେ ପ୍ରଦାନ କରିବି । ୨୦୨୬-୨୭ ପାଇଁ ପ୍ରସ୍ତୁତ ହୋଇଥିବା ବଜେଟ କେବଳ ଆସନ୍ତା ବର୍ଷ ପାଇଁ ଆୟବ୍ୟୟ ଲେଖାଯୋଖାର ଏକ ହିସାବ ନୁହେଁ, ଏହି ବଜେଟ ହେଉଛି ସାଢେ ଚାରିକୋଟି ଓଡିଶାବାସୀଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ । ଏହି ବଜେଟ ଓଡିଶାବାସୀଙ୍କ ଭବିଷ୍ୟତର ବଜେଟ । ଏହି ବଜେଟ ଉପସ୍ଥାପିତ ହେବା ପରେ ବୋଧହୁଏ ବିରୋଧୀଙ୍କ ବିରୋଧ କରିବା ପାଇଁ କିଛି ନାହିଁ, ତେଣୁ, ଗୃହକୁ ଅଚଳ କରିବା ମାର୍ଗକୁ ସେମାନେ ବାଛି ନେଇଛନ୍ତି । ଯଦି ସରକାର ଓ ବିରୋଧୀଙ୍କ ଭିତରେ ସଠିକ୍ ଆଲୋଚନା ହେଉଥାନ୍ତା ତେବେ ଚାଷୀଙ୍କ ବିକାଶ ପାଇଁ ଆହୁରି ବହୁତ କିଛି ବାହାରିପାରନ୍ତା । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ହୋଇଅଛି । ଏହି ବଜେଟ୍ ଅଟକଳ ମଧ୍ୟରୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପ୍ରସ୍ତାବିତ କାର୍ଯ୍ୟକ୍ରମ ବ୍ୟୟ ମୋଟ ବଜେଟ୍ ଅଟକଳର ରେକର୍ଡ ୫୮ ପ୍ରତିଶତ । ଲୋକଙ୍କୁ ନ୍ୟାୟ ପ୍ରଦାନ ଓ ବିକାଶର ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ଏହି ବଜେଟ ପ୍ରସ୍ତୁତ ହୋଇଛି । ଚଳିତ ବଜେଟରେ ଆକଳନ କରାଯାଇଥିବା ୭୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ, ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଏଜଡିପି)ର ୬.୫ ପ୍ରତିଶତ ଅଟେ, ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ । ଆମେ ଏହି ବଜେଟରେ କେତେକ ନୂତନ ଏକ୍ସପ୍ରେସ ୱେ ଯଥା ବ୍ରହ୍ମପୁର-ଜୟପୁର ରାଜପଥ, ଗଜପତି ରୁ ଅମ୍ବାଭୋନାକୁ ଯୋଡୁଥିବା ନମୋ ଏକ୍ସପ୍ରେସ ୱେ, ରସୁଲଗଡ଼ ରୁ - ନାନପୁର/ ରଘୁନାଥପୁର ପର୍ଯ୍ୟନ୍ତ ୪-ଲେନ୍ ଏକ୍ସପ୍ରେସ ୱେ ଏବଂ ମାଲକାନଗିରିର ମୋଟୁ ରୁ ମୟୂରଭଞ୍ଜର ତିରିଙ୍ଗିକୁ ସଂଯୋଗ କରୁଥିବା ଅଟଳ ଏକ୍ସପ୍ରେସୱେ ନିର୍ମାଣ ପାଇଁ ପୁଞ୍ଜି ବିନିଯୋଗ ବ୍ୟବସ୍ଥା କରିଛୁ । ତତ୍ ?ସହିତ, ଭୁବନେଶ୍ୱର ସ୍ଥିତ ଅନେକ ପ୍ରମୁଖ ସରକାରୀ ପ୍ରତିଷ୍ଠାନ ଯଥା ନୂତନ ଲୋକସେବା ଭବନ, ବିଧାନସଭା ସୌଧ, ବିଭିନ୍ନ କାର୍ଯ୍ୟରେ ରାଜ୍ୟ ରାଜଧାନୀକୁ ଆସୁଥିବା ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଜନ ଆଶ୍ରୟ ଭବନ, ବିଶ୍ୱସ୍ତରୀୟ ସଂଗ୍ରହାଳୟ ଏବଂ ରାଜ୍ୟ ସମ୍ମିଳନୀ କେନ୍ଦ୍ର ଆଦି ନିର୍ମାଣ କରିବା ପାଇଁ ମଧ୍ୟ ବଜେଟ ପ୍ରସ୍ତାବ କରିଅଛୁ ।



## ଅଳ୍ପରେ ଖବର

- ଆସିଲା ରତ୍ନଭଣ୍ଡାର ଗଣତିମଣତି ଏସ୍ଓପି । ଖୁବ୍‌ଶୀଘ୍ର ଧାର୍ଯ୍ୟ ହେବ ତାରିଖ । ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ଏସଓପି ନେଇ ବୈଠକ ଶେଷ । ରାଜ୍ୟ ସରକାରଙ୍କ ଦ୍ୱାରା ରତ୍ନ ଅଳଙ୍କାର ଗଣତି ମଣତି ଏସଓପିକୁ ଅନୁମୋଦନ କରାଯାଇଛି ।
- ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସବୁ ଧାନ କିଣିବେ ସରକାର । କୌଣସି ଟୋକନ ଲାପ୍ସ ହେବନି । କୁଇଂଟାଲ ପିଛା ୩୧ ଶହ ଟଙ୍କାରେ କିଣିବାକୁ ସରକାର ନିର୍ବାଚନ ପ୍ରତିଶୃତି ଦେଇଥିଲେ, ସେହି ହିସାବରେ ସରକାର ଧାନ କିଣୁଛନ୍ତି ।
- କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଚଳିତ ସପ୍ତାହରେ ଭାରତ ଗସ୍ତରେ ଆସୁଛନ୍ତି ବୋଲି ସୋମବାର କାନାଡା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘୋଷଣା କରିଛି ।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଆଜି ବିପଣନ ଋତୁ ୨୦୨୬-୨୭ ପାଇଁ କଂଚାମାଲ ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କୁ ମଞ୍ଜୁରି ଦେଇଛନ୍ତି ।

## 'ଦ ଟିଚର୍ ଆପ୍ ୨.୦'ର ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ




ନୂଆଦିଲ୍ଲୀ : ଭାରତର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସମୃଦ୍ଧ ଓ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଭାରତୀ ଏୟାରଟେଲ୍ ଫାଉଣ୍ଡେସନର ଏକ ଅଭିନବ ପ୍ରୟାସ 'ଦ ଟିଚର୍ ଆପ୍ ୨.୦' ର ଶୁଭାରମ୍ଭ କରିଛନ୍ତି । ଏହି ଏଆଇ ଚାଳିତ ଆପ୍ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ପାଇଁ ଏକ ସଶକ୍ତ ମାଧ୍ୟମ ଯୋଗାଇଦେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଏହି ଏଆଇ-ଚାଳିତ ଡିଜିଟାଲ୍ ସହଯୋଗୀ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ଉପକରଣ, ଗୁଣାତ୍ମକ ବିଷୟବସ୍ତୁ ଏବଂ ଡ୍ୟାସବୋର୍ଡ ଯୋଗାଇଦେବ, ଯାହା ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆକର୍ଷଣୀୟ କରିବାରେ ସହାୟକ ହେବ । ଶିକ୍ଷା କ୍ଷେତ୍ରରେ ଏଭଳି ପଦକ୍ଷେପ ଶିକ୍ଷକମାନଙ୍କୁ ସଶକ୍ତ କରିବା ସହ ଆମ ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ଅଧିକ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ଏଥିସହିତ ସେ ଭାରତୀ ଏୟାରଟେଲ୍ ଫାଉଣ୍ଡେସନ୍ ଏବଂ ସିକେ-୧୨ ଫାଉଣ୍ଡେସନକୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଭାରତ ସଫଳତାର ସହ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ସମ୍ପନ୍ନ କରିଛି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଜି ଜୀବନର ପ୍ରତିଟି କ୍ଷେତ୍ରରେ ପରିବର୍ତନ ଆଣୁଛି । ଜାତୀୟ ଶିକ୍ଷା ନୀତି ୨୦୨୦ର ଆଭିମୁଖ୍ୟ ଅନୁଯାୟୀ, ଶିକ୍ଷା ବ୍ୟବସ୍ଥାରେ ଏଆଇ ଭଳି ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ରକ୍ଷା କରିବା ପାଇଁ ସରକାର ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି । ଏହି ପରିପ୍ରେକ୍ଷୀରେ 'ଦ ଟିଚର୍ ଆପ୍ ୨.୦' ଦେଶରେ ଚାଲିଥିବା ଏଆଇ ବିପ୍ଳବକୁ ଅଧିକ ଗତିଶୀଳ କରିବ । ଯଦି ଏଆଇକୁ ସଠିକ୍ ଭାବେ ବ୍ୟବହାର କରାଯାଏ, ତେବେ ଏହା ଶିକ୍ଷା କ୍ଷେତ୍ରରେ ଏକ 'ଫୋର୍ସ ମଲ୍ଟିପ୍ଲାୟର୍' ଭାବେ କାର୍ଯ୍ୟ କରିବା ସହ ଉତମ ଶିକ୍ଷଣ ଫଳାଫଳ ଏବଂ ବ୍ୟକ୍ତିଗତ ଶିକ୍ଷାଦାନକୁ ସୁନିଶ୍ଚିତ କରିବ । ଶେଷରେ, ମନ୍ତ୍ରୀ ଏହି ପ୍ଲାଟଫର୍ମରେ ସୋଭେରେନ୍ ଏଲ୍ଏଲ୍ଏମ୍ ବ୍ୟବହାର କରିବାକୁ ଏବଂ ତାଲିମ ଉପକରଣଗୁଡ଼ିକୁ ବିଭିନ୍ନ ଭାରତୀୟ ଭାଷାରେ ଉପଲବ୍ଧ କରାଇବାକୁ ପରାମର୍ଶ ଦେଇଛନ୍ତି । ଏହାଦ୍ୱାରା ଦେଶର ବହୁଭାଷୀ ଶିକ୍ଷକ ସମାଜ ଏହାର ସୁଫଳ ପାଇପାରିବେ ବୋଲି କହିବା ସହ ଦେଶରେ ଚାଲିଥିବା ଏଆଇ ବିପ୍ଳବରେ 'ଦ ଟିଚର୍ ଆପ୍ ୨.୦' ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ଶିକ୍ଷା ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି ।

## ଜଗତପୁରସ୍ଥିତ କୃଷି ଭବନ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ



କଟକ (ନି.ପ୍ର) : ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଜଗତପୁରସ୍ଥିତ କୃଷି ଭବନ ଉଦ୍ଘାଟନ କରି ସେଠାରେ ଏକ ସଭାରେ ଯୋଗଦେଇ ଉପସ୍ଥିତ ଚାଷୀ ଭାଇଭଉଣୀମାନଙ୍କୁ ଉଦବୋଧନ ଦେଇଥିଲେ । ରାଜ୍ୟ ସରକାର ଉଦ୍‌ଯୋଗୀ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଚାଷୀ ମାନଙ୍କ କୁଶଳତା ଉପରେ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି । ଚାଷ କାର୍ଯ୍ୟ ଓ ଚାଷୀ ମାନଙ୍କ ସମସ୍ୟା ସମାଧାନ କରାଯାଇ କୃଷି କ୍ଷେତ୍ରରେ ଓଡ଼ିଶାକୁ ବଳକା ରାଜ୍ୟ ଭାବେ ପରିଗଣିତ କରାଯାଉଛି । ଏହି ଅବସରରେ ଚୌଦ୍ୱାର କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ ଉପସ୍ଥିତ ରହି କୃଷି ଭବନ ଉଦ୍ଘାଟନ ପରେ ଜିଲ୍ଲାରେ କୃଷି କ୍ଷେତ୍ରରେ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରଶିକ୍ଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ ବୋଲି କହିଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ସଭା କାର୍ଯ୍ୟରେ ଅଧ୍ୟକ୍ଷତା କରି ସ୍ୱାଗତ ଜଣାଇବା ସହ କୃଷି ଭବନ ନିର୍ମାଣରେ ଆନୁଷଙ୍ଗିକ ବ୍ୟବସ୍ଥା ନିମନ୍ତେ ପ୍ରାଶାସନିକ ସ୍ତରରେ ସମସ୍ତ କାର୍ଯ୍ୟ ନିର୍ବାହ କରାଯାଇଅଛି ବୋଲି କହିଥିଲେ । ଡିସିପି ଶ୍ରୀ ଖିଲାରୀ ଋଷିକେଶ ଦ୍ୟାନଦେଓ, ଡେପୁଟି ମେୟର ଦମୟନ୍ତୀ ମାଝୀ ଙ୍କ ସମେତ କୃଷି ଓ କୃଷକ ସଶକ୍ତିକରଣ ନିର୍ଦ୍ଦେଶକ, ଶ୍ରୀ ଶୁଭମ୍ ସକ୍ସେନା ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ସୁବ୍ରତ ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ କାଲୁଙ୍ଗେ ଗୋରଖ ୱାମନ ମଧ୍ୟ ଏହି ସଭାରେ ଉପସ୍ଥିତ ଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ କମଳାକାନ୍ତ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ ।

## ଲଘୁଚାପ କ୍ଷେତ୍ର ପ୍ରଭାବରେ ଜାରି ହେଲା ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର : ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ପ୍ରଭାବରେ ଦୁଇ ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ବିଶେଷ କରି କୋରାପୁଟ, ସୁବର୍ଣ୍ଣପୁର ବରଗଡ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ତେବେ ଆସନ୍ତାକାଲି ୫ ଜିଲାରେ ବର୍ଷା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣି ଜାରି କରିଛି । ସେହି ଜିଲାଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ କେନ୍ଦୁଝର । ଏସବୁ ଜିଲାରେ ବିଜୁଳି ଓ ଘଡଘଡି ସହ ବର୍ଷା ଏବଂ ପବନ ସମ୍ଭାବନା ରହିଛି । ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି । ଏଥିସହ ଗାଙ୍ଗେୟ ପଶ୍ଚିମବଙ୍ଗରୁ ଉତର ଉପକୂଳ ଆନ୍ଧ୍ରପ୍ରଦେଶକୁ ଏକ ଟ୍ରଫ ଲାଇନ ସମୁଦ୍ର ପତନଠାରୁ ୦.୯ କିମି ଉଚ୍ଚତାରେ ଓଡ଼ିଶା ଦେଇ ଗତି କରୁଛି । ଏହା ପ୍ରଭାବରେ ସୋମବାର ପଶ୍ଚିମ ଓଡ଼ିଶା ସମେତ ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା । ଝାରସୁଗୁଡ଼ା ଜିଲାରେ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ସୋନପୁରର ବିନିକା ସମେତ ଜିଲାର କେତେକ ସ୍ଥାନରେ ବର୍ଷା ହୋଇଛି । ସେହିଭଳି ବରଗଡ଼ରେ ମେଘୁଆ ପାଗ ରହିଥିବାବେଳେ ବର୍ଷା ସହ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି । ଏଥିସହ କୋରାପୁଟରେ ମଧ୍ୟ ବର୍ଷା ଓ କୁଆପଥର ମାଡ଼ ହୋଇଥିବା ଜଣାପଡ଼ିଛି । ମଙ୍ଗଳବାର ମଧ୍ୟ ୧୫ ଜିଲାରେ ଏଭଳି ସ୍ଥିତି ଲାଗି ରହିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସହିତ ଘଡ଼ଘଡ଼ି, ବିଜୁଳି ହେବା ନେଇ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି । ଏଥିସହ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି ।

## ଭୁବନେଶ୍ୱର ସ୍ଥିତ ଆରଏମଆରସି ଏବଂ ସିଟିଟିସି ପରିଦର୍ଶନ କଲେ ଗଣମାଧ୍ୟମ ପ୍ରତିନିଧି ଦଳ



ଭୁବନେଶ୍ୱର : ପିଆଇବି ତତ୍ୱାବଧାନରେ ମଧ୍ୟପ୍ରଦେଶରୁ ଆସିଥିବା ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତର ଚତୁର୍ଥ ଦିନରେ ଆଜି ଭୁବନେଶ୍ୱରସ୍ଥିତ ଆଇସିଏମଆର-ଆଂଚଳିକ ଚିକିତ୍ସା ବିଜ୍ଞାନ ଗବେଷଣା କେନ୍ଦ୍ର ପରିଦର୍ଶନ କରି ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ହେଉଥିବା ଅତ୍ୟାଧୁନିକ ଗବେଷଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ଆଇସିଏମଆରର ଏଡିଜି ତଥା ଆରଏମଆରସି ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି ସାମ୍ବାଦିକମାନଙ୍କୁ ସ୍ୱାଗତ କରି ଅନୁଷ୍ଠାନର ମୁଖ୍ୟ ଆଭିମୁଖ୍ୟ ଓ ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ବିଶେଷ କରି କୋଭିଡ-୧୯ ମହାମାରୀ ଭାରତକୁ 'ନିର୍ଭରଶୀଳତା ରୁ ଆତ୍ମନିର୍ଭରଶୀଳତା' ଆଡ଼କୁ ଗତି କରିବାର ଯେଉଁ ମୂଲ୍ୟବାନ ଶିକ୍ଷା ଦେଇଛି, ସେ ସମ୍ପର୍କରେ ଡକ୍ଟର ପତି ଗୁରୁତ୍ୱାରୋପ କରିଥିଲେ । ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ରୋଗ ଚିହ୍ନଟ ପ୍ରଣାଳୀ ଓ ବୈଜ୍ଞାନିକ ନବସୃଜନ କିଭଳି ଭାବେ ଦେଶର ସ୍ୱାସ୍ଥ୍ୟ ସଙ୍କଟ ପରିଚାଳନାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ସେ ନେଇ ସେ ସାମ୍ବାଦିକମାନଙ୍କୁ ଅବଗତ କରାଇଥିଲେ । ପରିଦର୍ଶନ କାଳରେ ପ୍ରତିନିଧି ଦଳ ଅନୁଷ୍ଠାନର ବୈଜ୍ଞାନିକମାନଙ୍କ ସହ ମତ ବିନିମୟ କରିଥିଲେ । ସେମାନଙ୍କୁ ମ୍ୟାଲେରିଆ, ଯକ୍ଷ୍ମା, ସିକିଲ୍ ସେଲ୍, ଆଂଟିବାୟୋଟିକ୍ ପ୍ରତିରୋଧ ଏବଂ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହେଉଥିବା ବହୁମୁଖୀ ଗବେଷଣା ବିଷୟରେ ଜଣାଇ ଦିଆଯାଇଥିଲା । କୋଭିଡ ସମୟରେ ଆରଏମଆରସି ପକ୍ଷରୁ କରାଯାଇଥିବା ବ୍ୟାପକ ପରୀକ୍ଷଣ, ଟିକା ପ୍ରଭାବଶାଳୀତା ଅନୁଧ୍ୟାନ ଏବଂ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଯୋଗାଇ ଦିଆଯାଇଥିବା ବୈଷୟିକ ସହାୟତାକୁ ସାମ୍ବାଦିକମାନେ ଉଚ୍ଚ ପ୍ରଶଂସା କରିଥିଲେ । ଏଥିସହ ପୂର୍ବ ଓ ଉତର-ପୂର୍ବ ଭାରତରେ ସ୍ୱାସ୍ଥ୍ୟ ଗବେଷଣା ଭିତିଭୂମିକୁ ସୁଦୃଢ଼ କରିବା ଏବଂ ନୂତନ ଗବେଷକମାନଙ୍କୁ ଦକ୍ଷ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ମଧ୍ୟ ▶▶ପୃଷ୍ଠା-୬ ରେ






# ବାଲେଶ୍ୱର ସଦର ବ୍ଲକରେ ଟେଲରିଂ ୟୁନିଟ ସ୍ଥାପନ ପାଇଁ
## ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଅନୁରୋଧ ଜଣାଇଲେ ସଦର ବିଧାୟକ

ବାଲେଶ୍ୱର(ନି.ପ୍ର.)ରାଜ୍ୟରେ ଭାରତୀୟ ଜନତା ପାର୍ଟିର ଏକକ ସରକାର ଗଠନ ହେବା ପରେ ମହିଳା ସଶକ୍ତିକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ମିଶନ ଶକ୍ତି ଅଧୀନରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାକୁ ନିର୍ବାଚନ ପୂର୍ବର ଘୋଷଣା ଅନୁଯାୟୀ ଆରମ୍ଭ ହୋଇଛି ସୁଭଦ୍ରା ଯୋଜନା । ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆତ୍ମ ନିର୍ଭରଶୀଳ ମହିଳାଙ୍କ ସାମଗ୍ରିକ ବିକାଶ ମାଧ୍ୟମରେ ଏକ କୋଟି ଲକ୍ଷ ପତି ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି । ମହିଳାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତୃଣମୂଳସ୍ତରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି ।



ଏହାକୁ ନେଇ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱ ରଖୁଥିବା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ ସହ ଆଲୋଚନା କରିଛନ୍ତି । ବାଲେଶ୍ୱର ସଦର ବ୍ଲକରେ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ଏକ ଟେଲରିଂ ୟୁନିଟ ସ୍ଥାପନ ପାଇଁ ବିଧାୟକ ଶ୍ରୀ ଦତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ଅନୁରୋଧ କରିଛନ୍ତି । ଏହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟ ସାଧନ ହୋଇ ପାରିବ ବୋଲି ବିଧାୟକ ଶ୍ରୀ ଦତ ଯୁକ୍ତି ଦର୍ଶାଇଛନ୍ତି । ମହିଳା ସଶକ୍ତିକରଣ ମୋହନ ମାଝୀ ସରକାରଙ୍କ ପ୍ରାଥମିକତା ହୋଇଥିବା ବେଳେ ଏ ଦିଗରେ ସକାରାତ୍ମକ ବିଚାର ପାଇଁ ସେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମଧ୍ୟ ଏହା ଉପରେ ପଦକ୍ଷେପ ନେବେ ବୋଲି ବିଧାୟକ ଶ୍ରୀ ଦତଙ୍କୁ ନିର୍ଭର ପ୍ରତିଶୃତି ଦେଇଛନ୍ତି ।

# ରାହୁଲ ଗାନ୍ଧିଙ୍କୁ ଅପଶବ୍ଦର ପ୍ରତିବାଦ
## ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଏତଲା ଦାଏର

ବାଲେଶ୍ୱର (ନି.ପ୍ର.): ସଂସଦ ଭିତରେ ଭାରତର ସର୍ବମାନ୍ୟ ନେତା, ଲୋକସଭାର ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କୁ ଅପଶବ୍ଦ ଓ ଅଶାଳୀନ ଆଚରଣର ପ୍ରତିବାଦରେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ବାଲେଶ୍ୱର ଏସ ପି ଙ୍କ ନିକଟରେ ଏତଲା ଦାଏର କରାଯାଇଛି ।

ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟ ଶିବ ଦାସଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଓ ନେତାମାନେ ଏସ ପିଙ୍କ କାର୍ଯ୍ୟାଳୟରେ ପହଂଚି ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ ପିଙ୍କ ଏତଲା ପ୍ରଦାନ କରିଥିଲେ । ଲୋକସଭା ଭିତରେ ଖୋଦ୍



ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ଏବଂ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାହୁଲ ଗାନ୍ଧିଙ୍କୁ ଯେଉଁଭଳି ଶବ୍ଦ ଓ ଆଚରଣ ପ୍ରଦର୍ଶନ କରିଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ । ତେଣୁ ତୁରନ୍ତ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ସେମାନଙ୍କୁ ଗିରଫ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ଏହି ଏତଲାରେ ଦାବି କରାଯାଇଛି । ଏହାଛଡା ବହୁ ଚର୍ଚ୍ଚିତ ଏପଷ୍ଟିନ ଫାଇଲସରେ ଜଡିତ କେନ୍ଦ୍ରମନ୍ତ୍ରୀ ପୁରୀ ତୁରନ୍ତ ଇସ୍ତଫା ଦେବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଂପୃକ୍ତି ନେଇ ସଂକେତ ମିଳୁଥିବାରୁ ସେ ମଧ୍ୟ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ୍ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଉର୍ମିଳା ମାଝୀ, ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ଦେବଦତ ଦାସ,ତୁଷାରକାନ୍ତି ତପସ୍ୱୀ ,ନିଶିଥ ବାରିକ, ବିଜୟ ମହାନ୍ତି, ଟାଉନ ସଭାପତି ଅନୁପ ସ୍ୱାଇଁ, ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ପଶୁପତି ଉପାଧ୍ୟାୟ, ରେମୁଣା ବ୍ଲକ କଂଗ୍ରେସ ସଭାପତି କହ୍ନେଇ ବେହେରା, ତରୁଣ ଦାସ, ଯୋଗେଶ୍ୱର ବେହେରା, ରାମକୃଷ୍ଣ ଜେନାଙ୍କ ସମେତ ବହୁ ନେତା ସାମିଲ ହୋଇଥିଲେ ।

## ‘ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ’ ପକ୍ଷରୁ ଚାଲିଥିବା ‘ଭାଷାପକ୍ଷ’ ଓ ’କୁଟୀର ବହିମେଳା’ର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ହେଲା କବି ଦୀପ୍ତି ଦାସ ସାହିତ୍ୟ ସନ୍ଧ୍ୟା

ବାଲେଶ୍ୱର(ନି.ପ୍ର.) : ’ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ’ ତରଫରୁ ଚାଲିଥିବା ’ଭାଷାପକ୍ଷ’ ଓ ’କୁଟୀର ବହିମେଳା’ର ଦ୍ୱିତୀୟ ଦିବସ ସୁଖ୍ୟାତ କବି ଦୀପ୍ତି ଦାସ ସାହିତ୍ୟ ସନ୍ଧ୍ୟା ଭାବରେ ଅନୁଷ୍ଠିତ ହୋଇଯାଇଛି । ଏହି ସାନ୍ଧ୍ୟ ଉତ୍ସବରେ ପୌରୋହିତ୍ୟ କରିଥିଲେ ଗବେଷକ ତଥା ପ୍ରାବନ୍ଧିକ ଡକ୍ଟର ଶିରୀଶ ଚନ୍ଦ୍ର ଜେନା । ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ କବି ଶ୍ରୀମତୀ ଦାସଙ୍କ ଶବ୍ଦର ଚୁମ୍ବକୀୟ ଶକ୍ତି ପ୍ରତ୍ୟେକଙ୍କୁ ଛଳଛଳ ଉତାଳ କରିଦିଏ । ଭକ୍ତି, ପ୍ରେମ, ଉଚ୍ଛ୍ୱାସ ଓ ସମର୍ପିତର ଏକ ଉତରିତ ସୋପାନରେ କବି ପାଦ ଥାପିଛନ୍ତି ବୋଲି ସେ କହିଥିଲେ । ଆଲୋଚକ ଭାବେ ଯୋଗ ଦେଇଥିଲେ ଫକୀର ମୋହନ ସାହିତ୍ୟ ପରିଷଦର ସଂପାଦକ ଡକ୍ଟର ରତ୍ନାକର ସିଂହ । ସେ ତାଙ୍କ ଅଭିଭାଷଣରେ କବିତା ଆଧୁନିକ ମଣିଷର ଜୀବନ ଜିଜ୍ଞାସାର ଅନ୍ତାକ୍ଷରୀ ବୋଲି କହିବା ସହିତ ସାହିତ୍ୟରେ ପ୍ରବନ୍ଧ ଯଦି ମନୋଭୂମିର ଫସଲ, ତେବେ କବିତା ହୃଦୟ ଭୂମିର ଅମଳ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଆଲୋଚକ ଭାବେ କବି ରଂଜନ ମହାନ୍ତି ଯୋଗ ଦେଇ କହିଲେ ଯେ କବି ଶ୍ରୀମତୀ ଦାସଙ୍କ ପ୍ରେମ ଓ ପ୍ରଣୟ ହେଉଛି ସମର୍ପଣ ଓ କୃତଜ୍ଞତାର ଜୀବନ୍ତ ଆଲେଖ୍ୟ । ଏହି ଅବସରରେ କବି ଶ୍ରୀମତୀ ଦାସଙ୍କ ରଚିତ କେତୋଟି କବିତାକୁ କବି ଶ୍ରୀଦେବ, ବାସନ୍ତୀ ଦେ, ଡକ୍ଟର ରମାକାନ୍ତ ନାୟକ, କୃଷ୍ଣା ପ୍ରଧାନ, ପଦ୍ମଲୋଚନ ପ୍ରଧାନ, ପୀତାମ୍ବର ବେହେରା,



ଡକ୍ଟର ସାରଙ୍ଗଧର ତ୍ରିପାଠୀ ପ୍ରମୁଖ ପାଠ କରିଥିଲେ । ସାଧାରଣ ସଂପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ କଥନ ରଖିଥିବା ବେଳେ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ମଂଚ ଆବାହନ କରିଥିଲେ । ଶେଷରେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାରସ୍ୱତ ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ପଣ୍ଡା, ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡକ୍ଟର ହେମମାଳା ଦାଶ, ପ୍ରତିମା ପଣ୍ଡା, କଲ୍ୟାଣୀ ନନ୍ଦ, ପୁଷ୍ପା ଚକ୍ରବର୍ତ୍ତୀ, ଉର୍ମିଳା ନାୟକ, ଶରତ କୁମାର ମହାପାତ୍ର, ମଧୁସୂଦନ ମାଝୀ, ପ୍ରଭାକର ସାହୁ, ତ୍ରିନାଥ ନନ୍ଦୀ ପ୍ରମୁଖ ବହୁ ସାରସ୍ୱତ ସାଧକ ଉପସ୍ଥିତ ଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ‘ମହାବିଦ୍ୟାଳୟ ଅଧ୍ୟକ୍ଷ ମାନଙ୍କ ସମ୍ମେଳନ’ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ଉନ୍ନୟନ ପରିଷଦ ପକ୍ଷରୁ ଅଧିନସ୍ଥ ମହାବିଦ୍ୟାଳୟ ମାନଙ୍କର ଅଧ୍ୟକ୍ଷ ସମ୍ମେଳନ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ମେଳନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ମୁଖ୍ୟ ଅତିଥି ଓ ବିଶେଷଜ୍ଞ ଭାବେ ଯୋଗଦେଇ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟକ୍ଷ ଓ ପ୍ରତିନିଧିମାନଙ୍କୁ ସମ୍ବୋଧନ କରିଥିଲେ । ସେ ଜାତୀୟ ଶିକ୍ଷା ନୀତି–୨୦୨୦ ର ମୂଳ ଧାରଣା, ବିଶ୍ୱବିଦ୍ୟାଳୟ ମାନ୍ୟତା ଆୟୋଗଙ୍କ ନବ ସଂଶୋଧିତ ବିଧିବିଧାନ,




ବିଶ୍ୱବିଦ୍ୟାଳୟ ସ୍ତରରେ ନିୟମାବଳୀ ଗଠନ ପ୍ରକ୍ରିୟା, ନୀତି ଓ ବିଭିନ୍ନ ନିୟମର କାର୍ଯ୍ୟକରଣ ପ୍ରଣାଳୀ ସମ୍ବନ୍ଧରେ ତଥ୍ୟବହୁଳ ଆଲୋଚନା କରିଥିଲେ । ଏହାସହିତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକଳ୍ପ, ପ୍ରଶିକ୍ଷଣାଭ୍ୟାସ, ସମୁଦାୟ ସେବା କାର୍ଯ୍ୟକ୍ରମ ଓ ଜାତୀୟ ସ୍ତରର କାର୍ଯ୍ୟକଳାପରେ ସକ୍ରିୟ ଭାଗିଦାର କରାଇବା ନିମନ୍ତେ ପ୍ରୟୋଜନୀୟ ପଦକ୍ଷେପ ବିଷୟରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଶିକ୍ଷାଗତ ଉନ୍ନୟନ ସମ୍ବନ୍ଧୀୟ ଅନ୍ୟାନ୍ୟ ଦିଗରେ ମଧ୍ୟ ସେ ମାର୍ଗଦର୍ଶନ ଦେଇଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ, ଅଧ୍ୟକ୍ଷ ଓ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ସ୍ପଷ୍ଟୀକରଣ ସହ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକ ପ୍ରଦାନ କରିଥିଲେ । ଏଥିସହିତ ସେ ଓଡିଶାର ଉଚ୍ଚ ଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ଆୟୋଗଙ୍କ ନବ ବିଧିବିଧାନ, ପରୀକ୍ଷା ପ୍ରଣାଳୀ, ମାନ୍ୟତା ଓ ସମ୍ପର୍କୀୟତା ପ୍ରକ୍ରିୟା ବିଷୟରେ ବ୍ୟାପକ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କ ସମଗ୍ର ଉନ୍ନତି ନିମନ୍ତେ ସମସ୍ତ ମହାବିଦ୍ୟାଳୟ ପରସ୍ପର ସମନ୍ୱୟ, ସହଯୋଗ ଓ ସମର୍ଥନର ମାଧ୍ୟମରେ ଏକତ୍ର କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ପରେ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁଙ୍କୁମୀନା ଦାସ ଓ ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର କମଳାକାନ୍ତ ଜେନା ମଧ୍ୟ ନିଜନିଜ ଅଭିଭାଷଣ ରଖି ଶିକ୍ଷା ପ୍ରଶାସନ ଓ ପରୀକ୍ଷା ପ୍ରଣାଳୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ଏହି ସମ୍ମେଳନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୫୯ଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରତିନିଧିମାନେ ଯୋଗଦେଇ ଆଲୋଚନା ଅଧିବେଶନରେ ସକ୍ରିୟ ଭାଗ ନେଇଥିଲେ । ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ରଖିଥିବାବେଳେ, ଆଭ୍ୟନ୍ତରୀଣ ଗୁଣମାନ ନିଶ୍ଚିତିକରଣ କୋଷର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହି ଧନ୍ୟବାଦ ଅର୍ପଣ କରିଥିଲେ । ସହାୟକ ଅଧ୍ୟାପିକା ଡ଼କ୍ଟର ରାଜଶ୍ରୀ ଦତ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ଉପସ୍ଥାପନା କରିଥିଲେ । ଏହି ସମ୍ମେଳନ ମାଧ୍ୟମରେ ଉଚ୍ଚ ଶିକ୍ଷାର ଗୁଣମାନ ବୃଦ୍ଧି ଓ ସମନ୍ୱିତ ଶିକ୍ଷା ପ୍ରଶାସନ ପାଇଁ ଏକ ସାର୍ଥକ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ବାଲେଶ୍ୱର ଜିଲ୍ଲାକୁ ସ୍ୱାସ୍ଥ୍ୟସେବାରେ ସରକାରୀ ଅବହେଳା ବିରୋଧରେ କ୍ରିୟାନୁଷ୍ଠାନ କମିଟିର ମାର୍ଚ୍ଚ ୧ ରେ ସାଂଗଠନିକ ସମ୍ମିଳନୀ

ବାଲେଶ୍ୱର,(ନି.ପ୍ର.): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାକୁ ସରକାରୀ ଅବହେଳା ଓ ସ୍ୱାସ୍ଥ୍ୟସେବା ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ ନିମି□ ଆସନ୍ତା ମାର୍ଚ୍ଚ ପହିଲା, ରବିବାର ଦିନ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀ ବାଲେଶ୍ୱର ଓକିଲ ସଂଘ ସଭାଗୃହରେ ଆହ୍ୱାନ କରାଯାଇଛି । ଗତ ବାର୍ଷିକ ସମ୍ମିଳନୀରେ ଗୃହୀତ ଦାବିଗୁଡ଼ିକୁ ନେଇ ଓ ସାପ୍ତାହିକ ବୈଠକର ନିଷ୍ପ□କ୍ରମେ ଏହି ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକରେ ବ୍ଲକ୍ ଓ ଶାଖା କମିଟିର ପ୍ରତିନିଧିମାନେ ଯୋଗଦେବାକୁ କ୍ରିୟାନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି ।

ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କମିଟିର ସାପ୍ତାହିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଓ ମେଡିକାଲ୍ କଲେଜରେ



ରୋଗୀମାନଙ୍କୁ ସେବା ଯୋଗାଇଦେବାରେ ରୋଗୀ ଓ ରୋଗୀଙ୍କ ସଂପର୍କୀୟମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ସଂପର୍କରେ ଉପସ୍ଥାପିତ କରିଥିଲେ । ବାଲେଶ୍ୱର ଏମ୍ସରେ ରୋଗୀମାନେ ସ୍ୱାସ୍ଥ୍ୟସେବା ନପାଇ ହତାଶ ହେଉଥିବାରୁ ରୋଗୀ ସଂଖ୍ୟା ହ୍ରାସ ପାଉଛି । ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସପ୍ତାହବ୍ୟାପୀ ଗଣଧାରଣା ଓ ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିଗୁଡ଼ିକର କୌଣସି ସୁସମାଧାନ ହୋଇନାହିଁ । ଚଳିତ ବିଧାନସଭାର ବଜେଟ୍ ଅଧିବେଶନରେ ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲାବାସୀଙ୍କର କୌଣସି ଦାବିକୁ ବିଚାରକୁ ନେଇ ନଥିବା ସଂପର୍କରେ ଶ୍ରୀ ଦାସ ବୈଠକରେ ଜଣାଇଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ସର୍ବଶ୍ରୀ ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ଡା. ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ସଚୀନ୍ଦ୍ର ଦାସ, ଦୀପକ ମିଶ୍ର, ବିଜନ ଦେ, ଯୋଗେଶ ଚନ୍ଦ୍ର ପ୍ରଧାନ, ଶଶାଙ୍କ ଦ□, ଯୋଗେଶ ଚନ୍ଦ୍ର ମାହାର୍ଣ୍ଣା, ଯତୀନ୍ ପାତ୍ର ପ୍ରମୁଖ ସରକାରଙ୍କ ଅବିଚାରକୁ ବିରୋଧ କରି ଉଦ୍‌ବେଗ ପ୍ରକାଶ କରିଥିଲେ । ଆସନ୍ତା ମାର୍ଚ୍ଚ ପହିଲାରେ ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀରେ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପ□ ଗ୍ରହଣ କରାଯାଇଥିଲା । କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ଆଗତ କରିଥିଲେ ଓ ସୁକୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ରାୟଶ୍ରୀ ଉପେନ୍ଦ୍ର ନାୟକଙ୍କ ସ୍ମୃତିସଭା ଆସନ୍ତା ୨୭ରେ

ବାଲେଶ୍ୱର(ନି.ପ୍ର.) ‘କାଳାନ୍ତର’ର ପ୍ରତିଷ୍ଠାତା ସ୍ୱର୍ଗତ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ସ୍ମୃତିସଭା ଆସନ୍ତା ୨୭ ତାରିଖ ପୂର୍ବାହ୍ନ ୧୧ଘଟିକା ସମୟରେ କଚେରୀହତା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ହେବ । ଏଥିରେ ରାୟଶ୍ରୀଙ୍କୁ ଭଲ ପାଉଥିବା ଏବଂ ତାଙ୍କ ସହ ସମ୍ପୃକ୍ତି ବ୍ୟକ୍ତିବିଶେଷମାନଙ୍କୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଉଛି । ତା’ଛଡ଼ା ଗଣମାଧ୍ୟମର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସମ୍ବାଦ ସଂଗ୍ରହ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ଗଗନ କୁମାର ସେଠୀ ଅନୁରୋଧ କରିଛନ୍ତି ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ଉନତ୍ରିଂଶତମ ବାର୍ଷିକ ସାଧାରଣ ଅଧିବେଶନ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ଗାନ୍ଧୀସ୍ମୃତି ଭବନରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ୧୬ଟି ଶାଖା ସଂଘର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇ ସମସ୍ତଙ୍କ ସହଯୋଗରେ ସେଗୁଡ଼ିକର ସମାଧାନ ସହିତ ଜିଲ୍ଲା ସଂଘକୁ ସୁଦୃଢ଼ କରିବା ପାଇଁ ନିଷ୍ପ□ ଗ୍ରହଣ କରାଯାଇଥିଲା । ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିବାବେଳେ ଉପଦେଷ୍ଟା ବସନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ଏହାପରେ ବାର୍ଷିକ ସାଧାରଣ ଅଧିବେଶନକୁ କେନ୍ଦ୍ରା□ଳ ରାଜସ୍ୱ କମିଶନରଙ୍କ ସଚିବ ଶ୍ରୀଯୁକ୍ତ ନିହାର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ଡାକ ସେବାବୋର୍ଡ଼ର ଅବସରପ୍ରାପ୍ତ ସଦସ୍ୟ ଓ ପୂର୍ବତନ ମୁଖ୍ୟ ମହାଡାକପାଳ, ଓଡ଼ିଶା, ଡ. ସନ୍ତୋଷ କୁମାର କାମିଲା, ମୁଖ୍ୟବକ୍ତା ଭାବରେ ଶ୍ରୀଯୁକ୍ତ ନିହାର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଯୁବ ଓ କ୍ରୀଡ଼ା ବିକାଶ ବିଭାଗର ଜାତୀୟ ସେବାସଂସ୍ଥାର ଆ□ଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ୍, ଅନ୍ୟତମ ସମ୍ମାନୀତ ଅତିଥି ‘ସମାଜ’ ଉ□ର ଓଡ଼ିଶା ସଂସ୍କରଣର ବ୍ୟୁରୋମୁଖ୍ୟ ଶ୍ରୀଯୁକ୍ତ କୁଳମଣି ବାରିକ ଯୋଗ ଦେଇଥିଲେ । ଅତିଥିବୃନ୍ଦଙ୍କ ଦ୍ୱାରା ସଂଘର ବାର୍ଷିକ ମୁଖପତ୍ର ‘ଉ□ରାୟଣ’ ଓ ସଦସ୍ୟ ଗୌରଚନ୍ଦ୍ର ଭୂୟାଁଙ୍କ କବିତା ସଂକଳନ ‘ମୋ ଦେହେ ଲେପ ହେ ଅଗୁର ଚନ୍ଦନ’ ଉନ୍ମୋଚିତ ହୋଇଥିଲା । ବାଲେଶ୍ୱର ଅବସରପ୍ରାପ୍ତ କର୍ମଚାରୀଙ୍କ ସାମାଜିକ ସେବା ସହିତ ଅବସର ପରେ ସେମାନଙ୍କ ଅନୁଭୂତି ଓ ଅନୁଭବକୁ ଜନହିତୈଷୀ କାର୍ଯ୍ୟରେ ଲଗାଇ ପାରୁଥିବାରୁ ଅତିଥିବୃନ୍ଦ ଭୂୟସୀ ପ୍ରଶଂସା କରିଥିଲେ । ଉପସଭାପତି ସୁଦର୍ଶନ ଦାସ ମ□ଆହ୍ୱାନ ଓ ମ□ ସ□ାଳନ କରିଥିବାବେଳେ ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ । ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିବାବେଳେ କଲ୍ୟାଣୀ ନନ୍ଦ ଓ ତାଙ୍କର ସାଥୀମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା । ପ୍ରତିମା ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସଂଘ ତରଫରୁ ବିଶିଷ୍ଟ ବ୍ୟକ୍ତି ଅନନ୍ତ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ଗୋଛାୟତ, ବେଣୁଧର ପାଳ, ରବିନାରାୟଣ ଚୌଧୁରୀ, ଗୋପବନ୍ଧୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସିଂହ ଓ କ୍ରୀଡ଼ାବିତ୍ ମେରି ସୋରେନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର କାର୍ଯ୍ୟକାରୀ ସଭାପତି ଇଂ. ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଉପଦେଷ୍ଟା ଜ୍ଞାନେନ୍ଦ୍ରନାଥ ସାହୁ, ବୀରେନ୍ଦ୍ର ମହାନ୍ତ, ଯୁଗ୍ମସମ୍ପାଦକ ରବୀନ୍ଦ୍ର ମହାନ୍ତି ଓ ସାବିତ୍ରୀ ଦାସ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତ୍ସ୍ନା ରାୟ, ରୀତା ରାୟ, ଗୀତାଞ୍ଜଳି ଶତପଥୀ, ପ୍ରଭାତୀ ସେଠୀ, ଲଲାଟେନ୍ଦୁ ମହାନ୍ତି, ନରେଶ ଦାଶ, ଗୌରପ୍ରିୟ ମିଶ୍ର, ରବିନାରାୟଣ ବେହେରା, ଦୟାନିଧି ମହାପାତ୍ର, ଗୋବିନ୍ଦ ମାଝୀ, ହିମାଂଶୁ ଦାସ, ଦିପ୍ତୀଲତା ଦାସ, ପ୍ରଣିତା ମିଶ୍ର, ବାସନ୍ତୀ ଦେ, ହେମନ୍ତ ଜେନା, ରବିନାରାୟଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ସିଂହ, କ୍ଷେତ୍ରମୋହନ ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ଶେଖ୍ ଆଲ୍ଲାଉଦ୍ଦିନ୍, ଅନୁପ ଆଚାର୍ଯ୍ୟ, ରବିନାରାୟଣ ପାତ୍ର, କେଶବ ମହାନ୍ତି, ଡ. ତାରାକାନ୍ତ ନନ୍ଦ, ନରେନ୍ଦ୍ର ପୁହାଣ, ରବୀନ୍ଦ୍ର ପାଣି, ସତ୍ୟ ନାରାୟଣ ନାୟକ, ଗିରିଜା ଆଚାର୍ଯ୍ୟ, ଲକ୍ଷ୍ମଣ ବିଶ୍ୱାଳ, ଗିରିଜା ଦାସ, ଶଶାଙ୍କ ଦ□, ସଞ୍ଜୟ ପଣ୍ଡା (ଖ), ପୁରୁଷୋ□ମ ବେହେରା ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଇଂ. ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ ।

## ଆସନ୍ତା ମାର୍ଚ୍ଚ ୬ରୁ ବାଲେଶ୍ୱର ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର କ୍ରିକେଟର୍ସ ଆସୋସିଏସନ୍ ଆନୁକୂଲ୍ୟରେ ହେବାକୁ ଥିବା ବାଲେଶ୍ୱର ପ୍ରିମିୟର ଲିଗ୍ ର ୧୩ତମ ସଂସ୍କରଣ ପାଇଁ ଖେଳାଳୀ ନିଲାମ୍ ପ୍ରକ୍ରୀୟା ଅନୁଷ୍ଠିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ସହରର ଉଦ୍ୟୋଗ ଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ହରି ଉଦ୍ୟୋଗର ଚେୟାରମେନ୍ ସଞ୍ଜୟ ଦାସ୍ ଏବଂ ଏସ୍.ବି.ଆଇ.ର ଡେପୁଟି ଜେନେରାଲ୍ ମ୍ୟାନେଜର ପ୍ରଭାତ କୁମାର ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ଡ.ଲକ୍ଷ୍ମୀନାରାୟଣ ମହାନ୍ତି, ଚେୟାରମେନ୍ ରାଜେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ନିଲାମ କାର୍ଯ୍ୟକ୍ରମକୁ ଅଭ୍ୟୁଦୟ ଦାସ୍, ଅମିତ୍ ଅମିତାଭ୍ ମହାକୁଡ଼, ସଂଗ୍ରାମ ପଣ୍ଡା,




ବିଶ୍ୱରୂପ ପରିଡ଼ା, ନୀଳମାଧବ ବିଶ୍ୱାଳ ଓ ଅଶ୍ୱିନୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ । ସୂଚନା ଅନୁସାରେ ଏହି ଲିଗ୍ ୬ଟି ଦଳ ଯଥା: ଡେକାନ୍ ୱାରିୟର୍ସ, ଶିବାଜୀ ଟାଇଟନସ୍, ଦି ଟାଇଟନସ୍, ଗ୍ରୀନ୍ ଲିଫ୍ ଫାଇଟର୍ସ, ଓଡିୱାନ୍ ଫାଇଟର୍ସ, ହାଇଲାଣ୍ଡ୍ ହରିକନସ୍ କୁ ନେଇ ଆସନ୍ତା ମାର୍ଚ୍ଚ ମାସ ୬ ତାରିଖରୁ ୧୫ ତାରିଖ ମଧ୍ୟରେ ଖେଳାଯିବ । ପ୍ରତ୍ୟେକ ଦଳ ପାଇଁ ୧୫ ଜଣ ଲେଖାଏଁ ଖେଳାଳୀଙ୍କୁ ଚୟନ କରାଯାଇଥିଲା । ବାଲେଶ୍ୱର ବାହାରୁ କିମ୍ବା ରାଜ୍ୟ ବାହାରୁ ଫରେନ୍ ଖେଳାଳୀ ଭାବେ ଦୁଇ ଜଣ ଖେଳାଳୀ ସବୁ ଦଳରେ ରହିବା ବାଧ୍ୟତା ମୂଳକ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଥିଲା । ଏହି ଲିଗ୍ ର ସମସ୍ତ ମ୍ୟାଚ୍ ଦିବାରାତ୍ର ବିଶିଷ୍ଟ ଖେଳାଯିବ । ଏସ.କେ. ଇଫ୍‌ତିହାର, ବିଶ୍ୱରଞ୍ଜନ ରାଉତ୍, ରାଜେଶ୍ ନାୟକ, ରବୀନ୍ଦ୍ର ମାଝୀ, ସ୍ୱାଧିନ ପଣ୍ଡା, ସିଂଧା ସୌରଭ, ସୁମନ୍ତ, ସିମ୍ରନ୍, ସମ୍ମୁ, ପ୍ରକାଶ ମହାନ୍ତି, ମଂଟୁ ପେରିୱାଲ, ମିଟୁ ମହାରଣା, ଶାନ୍ତନୁ ଦାସ୍, ଅଜୟ ପ୍ରଧାନ, ରାହୁଲ୍ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ ଆୟୋଜନ କରିଥିଲେ । ସମ୍ପାଦକ ସପନ ଖିଲାର ଶେଷରେ ଧନ୍ୟବାଦ ଦେଇଥିଲେ ।

## ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ପଦାଗାଁରେ ପ୍ରସ୍ତାବିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ସେଠାରେ ଆୟୋଜିତ ଭୂମିପୂଜନ କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପଦାଗାଁ, ଖନ୍ତାପଡ଼ା, ଚଷାଖଣ୍ଡ ଓ ଆଖପାଖ ଅଂଚଳବାସୀ ଯୋଗ ଦେଇଥିଲେ । ହୋମଯଜ୍ଞ ସାଙ୍ଗକୁ ଭଜନ,କୀର୍ତନ ସମଗ୍ର ଅଂଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା ।



ପଦାଗାଁ ରେ ବିଭିନ୍ନ ଦେବା ଦେବୀଙ୍କ ମନ୍ଦିର ଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନ ଥିଲା । ତେଣୁ ଗ୍ରାମବାସୀ ଏଠାରେ ଏକ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ଯୋଜନା କଲେ ଏବଂ ସମସ୍ତଙ୍କ ମିଳିତ ପ୍ରୟାସରେ ଏବେ ଗାଁରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ହେବାକୁ ଯାଉଛି । ସୁଧିର ପଟ୍ଟନାୟକ, ନାରାୟଣ ଧାମୁଡ଼ିଆ, ଲକ୍ଷ୍ମୀକାନ୍ତ ମହାଳିକ, ତାପସ୍ ବେହେରା, ତପନ ବାରିକ୍, ଶୁଭେନ୍ଦୁ ପଟ୍ଟନାୟକ, ଜିତିଷ୍ ଦାସ୍, ସନ୍ଦୀପ ଦାସ୍, ବିଜୟ ଦାସ୍, ନଳିନ୍ କୁମାର ଜେନା, ଚନ୍ଦନ କୁମାର ଦାସ୍, ଉମାଶଙ୍କର ଦାସ୍, କୃପାସିନ୍ଧୁ ଦାସ୍, ପ୍ରାଣବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକକୁ ପିଟି ପିଟି ନୃଶଂସ ହତ୍ୟା

ଖୁଂଟା(ନିପ୍ର) : ଘଟଣା ଘଟିଛି ଗତ କାଲି ତା ୨୩.୦୨.୨୦୨୬ ରିଖ ସନ୍ଧ୍ୟା ସମୟରେ ଖୁଂଟା ଥାନା ଅନ୍ତର୍ଗତ ଗଡିଗାଁ ରେ । ପୂର୍ବ ଏକ ହତ୍ୟା ମାମଲାରେ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଥିଲା ମୃତ ଯୁବକ କାହ୍ନୁ ମଢେଇ । ହତ୍ୟା ଅଭିଯୁକ୍ତଙ୍କ ସପକ୍ଷରେ ସାକ୍ଷ୍ୟ ନ ଦେବାରୁ, ଜେଲ ହାଜତରେ ଥିବା ପୂର୍ବ ହତ୍ୟା ଅଭିଯୁକ୍ତଙ୍କ ସମ୍ପର୍କୀୟ ପାଂଚ ଜଣ ଯୁବକ ମିଶି, କାହ୍ନୁ ମଢେଇ କୁ ଗୋଡ଼େଇ ଗୋଡ଼େଇ ପିଟି ମାରି ଦେଇ ଫେରାର ହୋଇ ଯାଇଛନ୍ତି । ଖୁଂଟା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଆଜି ଘଟଣା ଉଦଳା ଏସ ଡିପିଓ, ସାଇଂଟିଫିକ ଟିମ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତ ଯୁବକ କାହ୍ନୁ ମଢେଇ ର ଶବକୁ ବ୍ୟବଛେଦ ପାଇଁ ଉଦଳା ପଠାଯାଇଛି । ଏଇ ତିନି ମାସ ମଧ୍ୟରେ ଏକ ଗ୍ୟାସ ଚୋରି ଅଭିଯୋଗରେ ବାପି କଲହାର ନାମକ ଯୁବକକୁ ପିଟିପିଟି ହତ୍ୟା କରି ଜେଲ ହାଜତରେ ଅଛନ୍ତି ଅଭିଯୁକ୍ତ ମାନେ । ସେତେବେଳେ ସୌଭାଗ୍ୟ କ୍ରମେ କାହ୍ନୁ ମଢେଇ ବଂଚି ଯାଇଥିଲେ ଏବଂ ସେ ଜଘନ୍ୟ ହତ୍ୟାକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଥିଲେ । ବିଡମ୍ବନାର ବିଷୟ ସେ ଅଭିଯୁକ୍ତ ମାନଙ୍କ କଥା ନ ଶୁଣିବାରୁ, ଜେଲ ହାଜତରେ ଥିବା ହତ୍ୟା ଅଭିଯୁକ୍ତଙ୍କ ସମ୍ପର୍କୀୟ ପାଂଚ ଜଣ ତାକୁ ମଧ ଅତି ନିର୍ମମ ଭାବେ ଗୋଡେଇ ଗୋଡେଇ ପିଟି ହତ୍ୟା କରିଛନ୍ତି । ଏଭଳି ଗୋଟିଏ ପରେ ଗୋଟିଏ ହତ୍ୟା କରି ଚାଲିଥିବା ଅପରାଧୀ ମାନଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ବିଧାନ କରିବାକୁ ତୀବ୍ର ଦାବି ହୋଇଛି । ଖୁଂଟା ଥାନା କେସ ନମ୍ବର ୫୦/୨୬ ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଛନ୍ତି । ବିଭିନ୍ନ ଜାଗାରେ ଖାନତଲାସୀ ଆରମ୍ଭ ।ବାରମ୍ବାର ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଉଥିବା ଅପରାଧୀ ମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ପ୍ରକାଶ ଥାଉ କି ସାରା ଜିଲ୍ଲାରେ ବର୍ତମାନ ପିଲା ଚୋରି ଘଟଣାରେ ବିଭିନ୍ନ ସ୍ଥାନରେ ଜଘନ୍ୟ ଅପରାଧ ମାନ ଘଟୁଥିବା ଦେଖିବାକୁ ମିଳୁଛି । ଶାନ୍ତ ମୟୂରଭଂଜ ଅଶାନ୍ତ ହେଉଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ପୋଲିସ କମିଶନର ଏ ଦିଗରେ ଦୃଷ୍ଟି ଦେଇ ସମସ୍ତ ଅପରାଧିକ ମାମଲାରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରବଳ ଦାବି ହେଉଛି ।

# ପୂର୍ବତନ ବିଧାୟକ ବିମଳ ଲୋଚନ ଦାସଙ୍କ ସ୍ମୃତି ଚାରଣ ସଭା



ବାରିପଦା(ନିପ୍ର) : ମୟୂରଭଞ୍ଜ ର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୁଲ୍ୟରେ ମୟୂରଭଞ୍ଜରେ ସମବାୟ ଆନ୍ଦୋଳନ ର କର୍ଣ୍ଣ ଧାର ବିଶିଷ୍ଟ ସମାଜ ସେବୀ ତଥା ବାରିପଦା ର ପୂର୍ବତନ ବିଧାୟକ ବିମଳ ଲୋଚନ ଦାସଙ୍କ ୫ମ ମହାପ୍ରୟାଣ ଦିବସ ଅବସର ରେ ଏକ ସ୍ମୃତିଚାରଣ ସଭା ପ୍ରତିଷ୍ଠାନର ସଭାପତି ଡ଼ା ପାର୍ଥ ସାରଥି ଜେନାଙ୍କ ସଭାପତିତ୍ୱ ରେ ସ୍ଥାନୀୟ ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଙ୍ଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତା ଶ୍ରୀ ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ ।ପରେ ପ୍ରତିଷ୍ଠାନ ର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବିମଳ ବାବୁ ଙ୍କ ନିସ୍ୱାର୍ଥପର ଜୀବନ ଶୈଳୀ ଓ ସମାଜ ପାଇଁ କିପରି ତାଙ୍କର କାର୍ଯ୍ୟ ଧାରା ସମର୍ପିତ ଥିଲା ତାହା ଅତି ମାର୍ମିକ ଭାବରେ ପ୍ରକାଶ କରିଥିଲେ । ଉକ୍ତ ସ୍ମୃତି ଚାରଣ ସଭା ରେ ବରିଷ୍ଠ ସାମ୍ବାଦିକ ତଥା ପରିବେଶବିତ୍ ଡ଼ ବିଜୟ କୁମାର ଅଗ୍ରୱାଲା ତାଙ୍କ ଅଭିଭାଷଣରେ ବିମଳ ବାବୁ ବିଭିନ୍ନ କ୍ଷେତ୍ର ରେ ଦାୟିତ୍ୱ ନେଇ ତାହାକୁ ସଫଳତାର ସହ ସମ୍ପାଦନ କରିଥିଲେ ବୋଲି କହିଥିଲେ । ଓଡ଼ିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ସମ୍ମାନିତ ବକ୍ତା ଓ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ର ପୂର୍ବତନ ସଭାପତି ରାଜକିଶୋର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିମଳ ବାବୁ କିଭଳି ଅର୍ବାନ ବ୍ୟାଙ୍କ କୁ ସମଗ୍ର ରାଜ୍ୟ ରେ ପ୍ରଥମ ସ୍ଥାନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିଥିଲେ ତାହା ବିଷଦ ଭାବରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ସୁବ୍ରମଣ୍ୟମ ମହାନ୍ତି ଙ୍କୁ ଚଳିତ ବର୍ଷ ର ମର୍ଯ୍ୟାଦା ଜନକ 'ବିମଳ ଲୋଚନ ଦାସ' ସ୍ମୃତି ସମ୍ମାନ ୨୦୨୬ ପ୍ରତିଶ୍ରୁତି ପକ୍ଷ ରୁ ପ୍ରଦାନ କରାଯାଇଥିଲା । ପରେ ମୁଖ୍ୟ ଅତିଥି ବାରିପଦାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନିଜ ବକ୍ତବ୍ୟ ରେ ବିମଳ ବାବୁଙ୍କ ଜୀବନର ଭୂୟସୀ ପ୍ରଶଂସା କରି ସେ କିପରି ତାଙ୍କ ଆଶୀର୍ବାଦ ରେ ପ୍ରଥମେ ନଗରପାଳ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କହିବା ସହିତ ତାଙ୍କୁ ନିଜର ରାଜନୈତିକ ଗୁରୁ ଭାବରେ ଅଭିହିତ କରିଥିଲେ । ସଭାପତି ଡ଼ା ଜେନା ବିମଳ ବାବୁ ଙ୍କ ବଦାନ୍ୟତା ସମ୍ପର୍କରେ ଏକ ଭାବ ଗର୍ଭକ ବକ୍ତ୍ୟ ପ୍ରଦାନ କରିଥିଲେ । ଏହି ଅବସର ରେ ବିମଳ ବାବୁଙ୍କ ସ୍ମୃତି ସମ୍ବଳିତ ଏକ ମନୋଜ୍ଞ କବିତା ପାଠ ଉତ୍ସବ ବରିଷ୍ଠ ଗାଳ୍ପିକ ପଦ୍ମନାଭ ସାହୁ ଓ କବି ଗୋପାଳ ଚନ୍ଦ୍ର ସାଓ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏହି କବିତା ପାଠ ଉତ୍ସବରେ କବୟିତ୍ରୀ ବିରଜା ଦେବୀ, ଭଗବତୀ ଦାଶ, ଭାସ୍ୱତୀ ପଣ୍ଡା, ମିନତି ଦାଶ, ସୁଧାମୟୀ ଦାସ, ଭାରତୀ ବେବର୍ତା, ପୁଷ୍ପ ଲତା ସାହୁ ଓ କବି ଗୋପାଳ ଚନ୍ଦ୍ର ସାଓ , ହରିହର ବେହେରା, ନରସିଂହ ବାରିକ, ବନମାଳୀ ପାତ୍ର, ଅଜୟର ପୃଷ୍ଟି, ଗୋପାଳ ଚନ୍ଦ୍ର ଦତ, ଦିଲୀପ କୁମାର ଆଇଚ୍, ମୀନକେତନ ମହାନ୍ତି ପ୍ରମୁଖ ବହୁ କବି କବିତା ପାଠ କରିଥିଲେ । ପ୍ରାରମ୍ଭ ରେ ବିମଳ ବାବୁ ଙ୍କର ଫଟୋ ଚିତ୍ର ରେ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରିଶେଷରେ କବି ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶତାଧିକ ଭଦ୍ରବ୍ୟକ୍ତି ଓ ଗଣମାଧମର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

## ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜଗତସିଂହପୁର(ନିପ୍ର) : ଜଗତସିଂହପୁର ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜଗତସିଂହପୁର ଐତ୍ୟହ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶାରଳା ପୀଠରେ ବଡ ପଣ୍ଡା ରଞ୍ଜନ କୁମାର, ପଣ୍ଡା, ଭଗବାନ ଦାଶଙ୍କ ସହିତ ବହୁ ବିଶିଷ୍ଟ ମାନ ଗଣ୍ୟ ବେକ୍ତି ମାନେ ଯୋଗଦେଇଥିଲେ' ଜିଲ୍ଲାର ଐତିହ୍ୟ, ପୁରାତନ ପୀଠ ଓ ସତି ପରମ୍ପରା କୁ ମନ ରଖିବା ପାଇଁ ଏହାକୁ ଆରମ୍ଭ କରାଯାଇ ଥିଲା ୧ ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପଥମ ବାର୍ଷିକ ଉତ୍ସବ ହେବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ପଦଯାତ୍ରା ସମୟରେ ଜଗତସିଂହପୁର ଜିଲ୍ଲାର ପୁରାତନ ମନ୍ଦିର, ପୀଠ ସ୍ଥାନ ଗୁଡିକୁ ପ୍ରତି ସାଧାରଣ ଲୋକଙ୍କର ଆଗ୍ରହ ଓ ସଚେତନତା ବୃଦ୍ଧି କରାଯାଇଛି । ଏହି ପଦଯାତ୍ରା କେବଳ ଉତ୍ସବ ନୁହେଁ ଏହା ଯୁବ ପିଢ଼ିଙ୍କୁ ନିଜର ଇତିହାସ ଓ ସଂସ୍କୃତି ଯୋଡିବା ଏହାର ପ୍ରମୁଖ ଲକ୍ଷ୍ୟ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ ।

# ପୋଲ ନିର୍ମାଣକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ



ଧାମନଗର(ନିପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଧୁଶୁରୀ ଥାନା ର ଭଟସାହୀ ପଂଚାୟତ ର କଣ୍ଡିଆ ନଦୀ ଉପରେ ପୋଲ ନିର୍ମାଣ ପାଇଁ ସ୍ଥାନ ନିରୂପଣ କୁ ନେଇ ସାଶକ ଦଳ ର ଦୁଇ ଗୋଷ୍ଟି ମଧ୍ୟରେ ଗୋଷ୍ଟି ସଂଘର୍ଷ ଲାଗିବା ଦ୍ୱାରା ୨୦ ରୁ ଉର୍ଦ୍ଧ ଉଭୟ ପକ୍ଷରୁ ଆହତ ହୋଇଛନ୍ତି । ତେବେ ତୁରନ୍ତ ଘଟଣା ସ୍ଥଳରେ ଧୁଶୁରୀ ପୋଲିସ ପହଂଚି ଯିବାପରେ ପରିସ୍ଥିତି ଆୟତ ହୋଇଥିଲା ଖବର ରୁ ପ୍ରକାଶ ସେ ପୂର୍ବରୁ ସ୍ଥାନୀୟ ଲୋକ ଙ୍କ ଦାବି ଅନୁଯାଇ କଣ୍ଡିଆ ନଦୀ ଉପରେ ନରହରିପୁର ଓ ପୃଷ୍ଟି ସାହୀ କୁ ସଂଯୋଗ କରୁଥିବା ସ୍ଥାନରେ ଏକ ପକା ପୋଲ ପାଇଁ ପ୍ରସ୍ତାବ ଥିଲା, ଦୁଇବର୍ଷ ପୂର୍ବରୁ ସେଠାରେ ମାଟି ମଧ ପରୀକ୍ଷା କରା ଯାଇଥିଲା । ଏବେ ପୋଲ ପାଇଁ ସରକାର ଙ୍କ ପକ୍ଷରୁ ଟଙ୍କା ମଞ୍ଜୁର ହେବା ପରେ ପୋଲ ନିର୍ମାଣ ପାଇଁ ଠିକାଦାର କାମ ଆରମ୍ଭ ପରେ ଦୁଇ ଦିନ ହେବ ପୋଲ ନିର୍ମାଣ ସ୍ଥାନ କୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ତେବେ ଆଜି ନରହରିପୁର ରୁ ଗ୍ରାମବାସୀ ମାନେ ଭୁବନେଶ୍ୱର ରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ କୁ ଭେଟି ପ୍ରକୃତ ସ୍ଥାନ ରେ ପୋଲ ନିର୍ମାଣ ପାଇଁ ଅନୁରୋଧ କରିଥିଲେ । ମନ୍ତ୍ରୀ ଠିକାଦାରକୁ ଫୋନ୍ ଯୋଗେ କହି ଥିଲେ ଯେ ଯଦି କିଛି ସାହୀ ବିବାଦ ହେଉଚି ତେବେ ଉଭୟ ପକ୍ଷଙ୍କୁ ବସାଇ ଶାନ୍ତି ପୂର୍ଣ୍ଣ ଭାବରେ କାମ କରିବା ପାଇଁ ପରାମର୍ଶ ଦେଇ ଥିଲେ । ତେବେ ଦିନ ଚାରିଟା ବେଳେ କିଛି ଲୋକ ଆସି ଉକ୍ତ କାମକୁ ବିରୋଧ କରିଥିଲେ, ଉଭୟ ପକ୍ଷ ବସିବା ପରେ କାମ ହେବ ବୋଲି ଦାବି କରିବା ଫଳରେ ଆରମ୍ଭ ହୋଇଥିଲା ଦୁଇ ଗୋଷ୍ଟି ମଧ୍ୟରେ ସଂଘର୍ଷ ୨ରୁ୩ ଜଣ ଗୁରୁତର ଆହତ ହୋଇଥିବାବେଳେ ୨୦ ରୁ ଉର୍ଦ୍ଧ ଆହତ ହୋଇ ଧୁଶୁରୀ ଓ ଭଦ୍ରକ ଡ଼ାକ୍ତର ଖାନା ରେ ଚିକିତ୍ସିତ ହେଉଛନ୍ତି, ଖବର ପାଇ ପୋଲି ଘଟଣା ସ୍ଥଳ ରେ ପହଂଚି କିଛି ଲୋକ ଙ୍କୁ ଉଦ୍ଧାର କରିଥିବା ବେଳେ ଘଟଣା ସ୍ଥଳ ରୁ ବାଡି ଓ ରଡ କୁ ଜବତ କରିଛି । ଏ ନେଇ ଥାନା ଅଧିକାରୀ ଅଜୟ ବାଗେ କହିଛନ୍ତି ଯେ ପୋଲ କାମ କୁ କେନ୍ଦ୍ର କରି ଦୁଇ ଗୋଷ୍ଟି ମଧ ରେ ଗଣ୍ଡଗୋଳ ଲାଗିଥିଲେ କିଛି ଲୋକ ଆହତ ହୋଇ ଡାକ୍ତର ଖାନା ରେ ଭର୍ତି ହୋଇଚନ୍ତି । ଉଭୟ ପକ୍ଷରୁ କିଛି ଅଭିଯୋଗ ହୋଇ ନାହିଁ ଅଭିଯୋଗ ପରେ ଯାହା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ବାଗେ କହିଛନ୍ତି । ତେବେ ଆଗକୁ ଉକ୍ତ ଘଟଣା କୁ ନେଇ ବଡ଼ ଧରଣର ବିବାଦ ଉପୁଜି ପାରେ ଏ ନେଇ ପୋଲିସ ଅଧିକ ସକ୍ରିୟ ହେବାକୁ ଦାବି ହୋଇଛି ।

# ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପିତ



ବାହାନଗା : ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ପଦାଗାଁରେ ପ୍ରସ୍ତାବିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ସେଠାରେ ଆୟୋଜିତ ଭୂମିପୂଜନ କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପଦାଗାଁ, ଖନ୍ତାପଡ଼ା, ଚଷାଖଣ୍ଡ ଓ ଆଖପାଖ ଅଂଚଳ ବାସୀ ଯୋଗ ଦେଇଥିଲେ । ହୋମଯଜ୍ଞ ସାଙ୍ଗକୁ ଭଜନ, କୀର୍ତନ ସମଗ୍ର ଅଂଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା । ପଦାଗାଁ ରେ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନ ଥିଲା । ତେଣୁ ଗ୍ରାମବାସୀ ଏଠାରେ ଏକ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ଯୋଜନା କଲେ ଏବଂ ସମସ୍ତଙ୍କ ମିଳିତ ପ୍ରୟାସରେ ଏବେ ପଦାଗାଁରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ହେବାକୁ ଯାଉଛି । ସୁଧିର ପଟ୍ଟନାୟକ, ନାରାୟଣ ଧାମୁଡ଼ିଆ, ଲକ୍ଷ୍ମୀକାନ୍ତ ମହାଲିକ, ତାପସ୍ ବେହେରା, ତପନ ବାରିକ୍, ଶୁଭେନ୍ଦୁ ପଟ୍ଟନାୟକ, ଜିତିଷ୍ ଦାସ୍, ସନ୍ଦୀପ ଦାସ୍, ବିଜୟ ଦାସ୍, ନଳିନ୍ କୁମାର ଜେନା, ଚନ୍ଦନ କୁମାର ଦାସ୍, ଉମାଶଙ୍କର ଦାସ୍, କୃପାସିନ୍ଧୁ ଦାସ୍, ପ୍ରାଣବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଶ୍ୱାସା ମାଜିକ ନ୍ୟାୟ ଦିବସ ପାଳିତ

ଜଗତସିଂହପୁର(ନିପ୍ର) : ଜଗତସିଂହପୁର ସ୍ଥାନୀୟ ଆଦିକବି ସାରଳା ଦାଶ ସାସଂକୃତି ଭବନ ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକଙ ନ୍ୟାୟ ଦିବସ ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଥିଲେ ବରିଷ୍ଠ ନାଗରିକମାନେ ଆମ ପାଇଁ ଚିର ନମସ୍ୟ ସେମାନଙ୍କର ସମାଜରେ କଲ୍ୟାଣ ଆମ ସମସ୍ତଙ୍କର ଦାଇତ୍ୱବାନ କର୍ତ୍ୱ୍ୟ, ଓ ଆଜିର ସମାଜରେ, ପୁଅ, ଝିଅ ମାନେ ବୃଦ୍ଧ ପିତା, ମାତାଙ୍କର ସଠିକ ଯତ୍ନ ନ ନେଇ ବୃଦ୍ଧା ଶ୍ରମରେ ଛାଡି ଦେଉଛନ୍ତି । ତେଣୁ ପିତା ମାତା ଏବଂ ବରିଷ୍ଟ ନାମିରିକ ରକ୍ଷାଣ ବେକ୍ଷଣ ଓ କଲ୍ୟାଣ ଆଇନି ୨୦୦୭ ଉପରେ ଆଲୋଚନା କରିବା ସହ ଆଇନି କାର୍ଯ୍ୟକାରି କରୁଥିବା ଅଧିକାରୀମାନଙ୍କୁ ସମ୍ବେଦୀନ ଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ ଜିଲ୍ଲାର ଶାସନ ପରିଚାଳକ ଅରବିନ୍ଦ ଆଚାର୍ଯ୍ୟ,ଓ ସାଇବର ଥାନା ଡି. ଏସ, ପି ସବିତା ପରିଡା ସାଇବର ଠକାମିର ଓ ସଚେତନା ବିଷୟରେ ବହୁ କଥା ଆଲୋଚନା କରିଥିଲେ । ସି.ଏଚ୍.ସି.ର ଜିଲ୍ଲା ସଂଯୋଜକ ଦୀପକ ଦାସ ଆୟୁଷ୍ମାନ ଭାରତ ଓ ବାୟୋବନ୍ଧନା, ସାସ୍ଥ୍ୟ କାର୍ଡ ସମ୍ବନ୍ଧରେ ସୁଚନା ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକ ମହା ମଂଚର ସଭାପତି ନିକୁଞ୍ଜ କିଶୋର ବେହେରା ବରିଷ୍ଟ ନାଗରିକ ମାନଙ୍କର ବିଭିନ୍ନ ପ୍ରକାରର ସୁବିଧା ଓ ଅସୁବିଧା ସମ୍ପର୍କରେ ଅବଗତ କରାଇବା ସହ ଏହାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବୀରେ ସୂଚନା ଅଧିକାରୀ ଅଭିଯାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବାଲିଆପାଳ(ନିପ୍ର) : ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ନିଯୁକ୍ତି ଦାବୀରେ ମଙ୍ଗଳବାର ସୂଚନା ଅଧିକାର ଆଇନ ବାଲିଆପାଳ ଶାଖା ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ମେଡ଼ିସିନ, ସ୍ତ୍ରୀ ଓ ପ୍ରସୂତି ସହିତ, ସର୍ଜରୀ ବିଭାଗରେ ଜଣେ ବୋଲି ବିଶେଷଜ୍ଞ ନାହାନ୍ତି । ଏହି ସମସ୍ତ ବିଭାଗରେ ଡାକ୍ତର ପଦବି ଖାଲି ପଡ଼ିଛି । କେବଳ ଜଣେ ଶିଶୁ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ପାଣିଗ୍ରାହୀଙ୍କ ଦ୍ୱାରା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲୁଥିବା ସୂଚନା ଅଧିକାର ଅଭିଯାନ ପକ୍ଷରୁ କୁହାଯାଇଛି । ବାରମ୍ବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବହୁବାର ଦାବୀ ପ୍ରତିବାଦ ପରେ ମଝିରେ ମଝିରେ ବେଳେ ବେଳେ କେମିତି ଯଦି କୌଣସି ବିଭାଗରେ ଡାକ୍ତର ନିଯୁକ୍ତି ଦିଆଯାଉଛି ସେମାନେ କେବଳ କାର୍ଯ୍ୟରେ ଯୋଗଦେଇ କିଛିଦିନ ପରେ ଛୁଟିରେ ଛୁଟିରେ ରହି ଅନ୍ୟତ୍ର ବଦଳି ହୋଇ ଚାଲିଯାଉଛନ୍ତି । ବହୁ ସମୟରେ ଆୟୁଷ ଡାକ୍ତର ମାନଙ୍କ ପାଳିରେ ହସ୍ପିଟାଲ ଚାଲୁଛି । ଏବେ ଯେକୌଣସି ରୋଗୀ ଏଠାକୁ ଆସିଲେ ରେଫର ଛଡା ଅନ୍ୟ ଉପାୟ ନାହିଁ ।ଭାଗ୍ୟକୁ ଆଦରି ଭଗବାନଙ୍କ ଭରସାରେ ବାଲିଆପାଳ ବ୍ଲକର ଜନ ସାଧାରଣ ବଂଚିଛନ୍ତି । ଏଠାରେ ଡାକ୍ତରଙ୍କ ସମସ୍ୟା ବ୍ୟତୀତ ବର୍ଷ ବର୍ଷ ଧରି ଏକ୍ସରେ ମେସିନ ଆସି ପଡି ପଡି ଖତ ହେଲାଣି ଟେକ୍ନିସିଆନ ନାହିଁ ।ଯଦିବା ନିଯୁକ୍ତି ହୋଇଥିଲା ତାକୁ ନିଯୁକ୍ତିର କିଛି ଦିନ ପରେ ହେଡକ୍ୱାଟରକୁ ଡେପୁଟେସନରେ ନେଇଗଲେ । ସେହି ପରି ଏଠାରେ ପାଥୋଲୋଜି ଟେକ୍ନିସିୟାନ ଦୁଇଜଣ ନିଯୁକ୍ତି ପାଇଥିଲେ ହେଲେ ଅଳ୍ପ ଦିନ ତଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉକ୍ତ ଟେକ୍ନିସିୟାନକୁ ଜିଲ୍ଲା ମୁଖ୍ୟାଳୟକୁ ଡେପୁଟେଶନରେ ନେବା ପାଇଁ ଚିଠି କରିଥିବା ଅଭିଯୋଗ ହୋଇଛି । ସେମାନେ ଦରମା ନେବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମାତ୍ର କାର୍ଯ୍ୟ କରିବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ । ଏଇଟା କେଉଁ ପ୍ରକାରର ବ୍ୟବସ୍ଥା ବୋଲି ସାମ୍ବାଦିକ ସମ୍ମୀଳନୀରେ ଅଭିଯୋଗ ହୋଇଛି । ସେହିପରି ରକ୍ତ ଭଣ୍ଡାର ପାଇଁ ସମସ୍ତ ଭିତିଭୂମି ପ୍ରସ୍ତୁତ ହୋଇଛି ହେଲେ କାର୍ଯ୍ୟକାରୀ ପାଇଁ ଷ୍ଟାଫ ନିଯୁକ୍ତି ନାହିଁ ।ପୂର୍ବର ସରକାର ଅମଳରେ ଯାହାଥିଲା ଏବର ସରକାର ଅମଳରେ ସେହିଆ । ଯେପରି ନାହିଁ ନାହିଁରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲିଥିବା କଥା ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖା ଆବାହକ ଅନୁଜ କୁମାର ମହାପାତ୍ର ବିଭାଗକୁ ପ୍ରଶ୍ନକରିଥିଲେ । ତେବେ ସରକାର ଯଦି ପନ୍ଦର ଦିନ ମଧ୍ୟରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି ଓ ଡେପୋଟେସନରେ ଯାଇଥିବା ଟେକ୍ନିସିୟାନଙ୍କୁ ଫେରାଇ ନ ଆଣନ୍ତି ତାହେଲେ ସୂଚନା ଅଧିକାର ଆଇନ ବାଲିଆପାଳ ଶାଖା ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି କୋଶଧ୍ୱଜ ଜେନା, ଗୋପୀନାଥ ଗଙ୍ଗାଇ, ଦେବେନ୍ଦ୍ର ଦାସ, ଏସ କେ ମୁନା,ଏସ କେ ମତଲୁବ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।ଏ ବିଷୟରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ପ୍ରୀତମ ସାହୁଙ୍କ ସହିତ ଯୋଗାଯୋଗ କରିବାରୁ ସମସ୍ତ ବିଷୟରେ ସିଡ଼ିଏମଓଙ୍କୁ ଜଣାଇବା ବ୍ୟତୀତ ତାଙ୍କର ଅନ୍ୟ ଉପାୟ ନାହିଁ ବୋଲି କହିଥିଲେ । ଯାହାବିହେଉ ଏଦିଗରେ ସରକାର ଗୁରୁତର ସହିତ ବିଚାର କରିବା ପାଇଁ ଦାବୀ ହେଉଛି ।


GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No. 1142 // Date:-24.02.2026

25001/242/2526

"e" Procurement Notice for Special Repair to Roads & Bridges and approach road & Periodical Maintenance works for year 2025-26.
Bid Identification No – RWDKNJ –20 / 2025-26

1. Name of the work : Road Works (As per Annexure)
2. Estimated Cost : Rs. 8.47 to Rs.19.38 Lakhs Approximately (As per Annexure).
3. Class of Contractor : D'&'C' Class, (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-20/25-26. | Dt. 26.02.2026 at 11.00 A.M. | Dt.05.03.2026 up to 11.00 A.M. | Dt.02.03.2026 up to 1.00 P.M. | Dt.06.03.2026 at 11.00 P.M. |

Sd/-
Executive Engineer
R.W. Division, Karanjia

OIPR. 25001/25086/1/25-26/0017





ଯାହାର ମୁଖ ପ୍ରଶାନ୍ତ, ସେ ଅନ୍ୟର ସୁପାରିଶ ନ ନେଇ ଯେକୌଣସି ସ୍ଥାନକୁ ଚାଲି ଯାଇପାରେ ।

# ଆଜିକାଲି



ନ କିଂଚିତ ସହସା କାର୍ଯ୍ୟଂ କାର୍ଯ୍ୟଂ କାର୍ଯ୍ୟଂ ବିନା କୃତି କ୍ରିୟତେ ଚେଦ ବିବିଚ୍ୟୈବ ତସ୍ୟ ଶ୍ରେୟଃ କରସ୍ଥିତମ
ଅର୍ଥାତ୍ : କୌଣସି କାର୍ଯ୍ୟ ଉ□ମ ରୂପେ ବିଚାର ନ କରି ହଠାତ୍ କରିଦେବା ଉଚିତ ନୁହେଁ । ଯିଏ ଉତମ ରୂପେ ବିଚବର କରି ସମସ୍ତ କାର୍ଯ୍ୟ କରେ, ହିତ ବା କଲ୍ୟାଣ ତା'ର ହାତତ ମୁଠାରେ ଥାଏ ।

## ଜନଜୀବନ ସୁରକ୍ଷା ଦିଗରେ ପ୍ରାଥମିକତା

ରାଜ୍ୟରେ ମୋହନ ସରକାର କ୍ଷମତାକୁ ଆସିବା ପରଠାରୁ ସମସ୍ତ ବିଭାଗ ଉପରେ ଯେ ଗୁରୁତ୍ୱ ଦିଆଯାଇଛି ତାହା ନୁହେଁ ସମସ୍ୟାର ସମାଧାନ କରିବା ପାଇଁ ତତ୍ପର ହୋଇଛନ୍ତି । ବିଶେଷ କରି ରାଜ୍ୟବାସୀଙ୍କ ଜନଜୀବନ ସୁରକ୍ଷା ପାଇଁ ସରକାର ପ୍ରାଥମିକତା ଦେବା ସଂଗେ ସଂଗେ ଅଗ୍ରାଧିକାର ଦେବାରେ ପ୍ରତିଦିନ ଆଗେଇ ଚାଲିଛନ୍ତି। ବିଶେଷ କରି ଲୋକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେ ନେଇ ମଧ ତାହାକୁ ପୂରଣ କରିଛନ୍ତି । ସୁରକ୍ଷା ଦିଗରେ ପୋଲିସ ବିଭାଗର ଅଧିକ ଗୁରୁଦାୟିତ୍ୱ ରହିଛି । ଏହି ଦିଗରେ ମଧ ତାଙ୍କ ସରକାର ଗୁରୁତ୍ୱ ଦେବା ସଂଗେ ସଂଗେ ୧୦୦ ଦିନରେ ୩ ହଜାର ପୋଲିସ ନିଯୁକ୍ତି ପାଇବେ । କେବଳ ସେତିକି ନୁହେଁ ନିର୍ଦ୍ଦିଷ୍ଟ ସମୟରେ ପୋଲିସ ବିଭାଗରେ ୬ ହଜାର ପଦବୀ ପୂରଣ ହେବ । ଏଥିସହ ଖୁବ୍‌ଶୀଘ୍ର ୧୦ଟି ନୂଆ ଓଡ୍ରାପ ଟିମ୍ କାର୍ଯ୍ୟକାରୀ କରିବ । ରାଜ୍ୟ ପୋଲିସକୁ ଆହୁରି ସଶକ୍ତ କରିବା ପାଇଁ ୯ ହଜାର ମୋଟରସାଇକେଲ ପ୍ରତି ଥାନାକୁ ଦିଆଯିବ । ଏହାଦ୍ୱାରା ଅପରାଧ ଘଟିବା ସଂଗେ ସଂଗେ ଅପରାଧିଙ୍କୁ ଧରିବା ଖୁବ୍ ସହଜ ହୋଇଯିବ । ଅପରପକ୍ଷେ ରାଜ୍ୟର ସବୁ ସରକାରୀ ମେଡ଼ିକାଲ କଲେଜରେ ନୂଆ ଫାଣ୍ଡି ଖୋଲିବ । ଗୃହରକ୍ଷୀ ସଂପର୍କରେ ଯେଉଁ ବ୍ୟାନ୍ ଥିଲା ତାହା ମଧ ହଟାଇ ଦିଆଯାଇ ଅଧିକ ଗୃହରକ୍ଷୀ ନିଯୁକ୍ତି ପାଇବେ । ଏହାଦ୍ୱାରା ଅପରାଧି ମାନଙ୍କ ଭିତରେ ଭୟ ସୃଷ୍ଟି ହେବ ଏବଂ ସେମାନେ ସୁଧୁରି ଯାଇ ପାରନ୍ତି । ଏପରିକି ଅପରାଧୀ ମାନଙ୍କୁ ନିପାତ କରିବା ପାଇଁ ଅଧିକ ପିକ୍‌ଅପ୍ ବ୍ୟବସ୍ଥା କରାଯିବା ପାଇଁ ସରକାର ପ୍ରସ୍ତୁତ । କେବଳ ବଡ଼ବଡ଼ ଥାନା ନୁହେଁ ଛୋଟ ଥାନା ସମେତ ରାଜ୍ୟର ସମସ୍ତ ଫାଣ୍ଡିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି । ଦେଖିବାକୁ ଗଲେ କିଛି ବର୍ଷ ଧରି ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସୁଧୁରିବା ପରିବର୍ତେ ଅପରାଧ ପ୍ରତିଦିନ ବଢ଼ିବଢ଼ି ଚାଲିଛି । ବିଶେଷ କରି ମହିଳା, ବୃଦ୍ଧ ମଧରେ ଭୟ ସୃଷ୍ଟି ହେଉଛି । ଯଦି ପୋଲିସ ବିଭାଗ ସୁଦୃଢ଼ ହେବ ତାହା ନିଶ୍ଚିତ ଭାବେ ଅପରାଧ କମିବ ଏଥିରେ ଦ୍ୱିମତ ହେବାର ନାହିଁ ।

### ଲୋକଶକ୍ତି ଦିବସ ଅବସରରେ

# ପଂଚାୟତିରାଜ ବ୍ୟବସ୍ଥାରେ ଲୋକଶକ୍ତିର ଅଭ୍ୟୁଦୟ

◆ ବାଦଲ ଭୂୟାଁ

ଭାରତୀୟ ସମାଜ ବ୍ୟବସ୍ଥାରେ ପଂଚାୟତଗୁଡ଼ିକ ମେରୁଦଣ୍ଡ ସଦୃଶ ବୋଲି ବିଚାର କରାଯାଉଛି । ୧୯୪୭ରେ ଜାତିର ପିତା ମହାତ୍ମା ଗାନ୍ଧୀ ସେଥିପାଇଁ ଯଥାର୍ଥରେ କହିଥିଲେ ଯେ ଭାରତର ସ୍ୱାଧୀନତା ତୃଣମୂଳ ସ୍ତରରୁ ଆରମ୍ଭ ହେଉ ଏବଂ ପ୍ରତ୍ୟେକ ଗ୍ରାମକୁ ସାଧାରଣତନ୍ତ୍ର ବା ପଂଚାୟତରେ ପରିଣତ କରାଯାଇ ସେମାନଙ୍କ ହାତରେ କ୍ଷମତା ଦିଆଯାଉ । ଭାରତରେ ବହୁ ପରୀକ୍ଷା ନିରୀକ୍ଷା ପରେ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାର ପ୍ରଚଳନ କରାଯାଇ ଥିଲା । ମାତ୍ର ଏ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଗାମୀ ରାଜ୍ୟ ଭାବେ ଗୌରବ ଅର୍ଜନ କରିଛି । ସ୍ୱାଧୀନତାପ୍ରାପ୍ତିର ପରବର୍ଷ ଅର୍ଥାତ୍ ୧୯୪୮ରେ ଓଡ଼ିଶା ସରକାର ଗ୍ରାମପଂଚାୟତ ଆଇନ୍ ପ୍ରଣୟନ କରିଥିଲେ । ସେହି ଆଇନ୍ ବଳରେ ଓଡ଼ିଶାରେ ଗ୍ରାମପଂଚାୟତଗୁଡ଼ିକର ନୀତି ନିୟମ, କ୍ଷମତା ଓ କାର୍ଯ୍ୟପ୍ରଣାଳୀ ନିର୍ଦ୍ଧାରିତ ହୋଇଥିଲା । ୧୯୯୨ରେ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ପଂଚାୟତ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ଚାହିଁବାରୁ ପ୍ରଥମେ ପଂଚାୟତଗୁଡ଼ିକର ପୁନର୍ଗଠନ କରାଯାଇଥିଲା । ତାହାର ଦଶବର୍ଷ ପରେ ୨୦୦୨ରେ ପଂଚାୟତ ଗୁଡ଼ିକୁ ଆଉ ଥରେ ପୁନର୍ଗଠନ କରାଯାଇ ଓଡ଼ିଶାରେ ଗ୍ରାମପଂଚାୟତଗୁଡ଼ିକର ସଂଖ୍ୟା ୫୨୫୪ରୁ ୬୨୩୪କୁ ବୃଦ୍ଧି କରାଯାଇଥିଲା ଯାହା ବର୍ତମାନ ୨୦୧୨ ମସିହାରେ ୬୨୩୬କୁ ପୁର୍ନବୃଦ୍ଧି କରାଯାଇଅଛି । ୧୯୯୬ରେ ଓଡ଼ିଶାରେ ଅନୁସୂଚିତ ଅଂଚଳମାନଙ୍କରେ ପଂଚାୟତ ସଂପ୍ରସାରଣ ଆଇନ୍, ୧୯୯୬ (ପେସା) କାର୍ଯ୍ୟକାରୀ ହୋଇଥିଲା । ଫଳରେ ଅନୁସୂଚିତ ଅଂଚଳର ସମସ୍ତ ପଂଚାୟତିରାଜ ଅନୁଷ୍ଠାନର ଅଧ୍ୟକ୍ଷ ପଦବୀ ଜନଜାତି (ଆଦିବାସୀ)ଙ୍କ ନିମନ୍ତେ ସଂରକ୍ଷିତ ରହିବା ସମ୍ଭବ ହେଲା । ସମ୍ବିଧାନ ୭୩ତମ ସଂଶୋଧନ ଅନୁଯାୟୀ ପଂଚାୟତ ଗୁଡ଼ିକ ସ୍ୱୟଂଶାସିତ ଅନୁଷ୍ଠାନରେ ପରିଣତ ହୋଇଛନ୍ତି ଏବଂ ସମ୍ବିଧାନର ଏକାଦଶ ଅନୁସୂଚୀ ଅନୁଯାୟୀ ୨୪୩ (ଜି) ସଂଶୋଧନ ଦ୍ୱାରା ୨୯ଟି ବିଷୟରେ ରାଜ୍ୟ ବିଧାନସଭା, ଆଇନ ପ୍ରଣୟନ କରି ପଂଚାୟତକୁ କ୍ଷମତା ହସ୍ତାନ୍ତର କରାଯିବା ପ୍ରକ୍ରିୟା ଜାରି ରଖିଛନ୍ତି । ପଂଚାୟତିରାଜ ବ୍ୟବସ୍ଥାରେ ଲୋକଶକ୍ତିର ଅଭ୍ୟୁଦୟ ତଥା ସହଭାଗୀତାକୁ ସୁନିଶ୍ଚିତ କରାଇବା ପାଇଁ ପଲ୍ଲୀସଭା ଓ ଗ୍ରାମସଭାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଗ୍ରାମାଂଚଳରେ ସରକାରୀ



ଯୋଜନା କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ କ୍ଷେତ୍ରରେ ପଲ୍ଲୀସଭା ଓ ଗ୍ରାମସଭା ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନ୍ୟ ଭାଷାରେ କହିବାକୁ ଗଲେ, ଲୋକମାନଙ୍କ ନିକଟରେ ସରକାରୀ ସୁବିଧା ସୁଯୋଗ ପହଂଚାଇ ସେମାନଙ୍କର ଓ ଗ୍ରାମାଂଚଳର ସମୂହ ବିକାଶ ସାଧନର ଏକ ବଳିଷ୍ଠ ଆୟୁଧ ହେଉଛି ଏହି ଗ୍ରାମସଭା । ସ୍ୱାୟତ ଶାସନ ଏବଂ ଗ୍ରାମପଂଚାୟତର ସ୍ୱଚ୍ଛ ଓ ଦାୟିତ୍ୱ ସହ କାର୍ଯ୍ୟ ସଂପାଦନାରେ ଏହା ମୁଖ୍ୟ ସାଧନ ଅଟେ । ଏହା ଏଭଳି ଏକ ମଂଚ□ଯାହା ପ୍ରତ୍ୟକ୍ଷ ଅଂଶ ଗ୍ରହଣ ଭିତିକ ଗଣତନ୍ତ୍ର ବ୍ୟବସ୍ଥାକୁ ସୁନିଶ୍ଚିତ କରାଇଥାଏ । ଏହା ଦରିଦ୍ର, ଉପେକ୍ଷିତ ତଥା ମହିଳା ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ନିଜର ମତପ୍ରଦାନ ତଥା ପଂଚାୟତଦ୍ୱାରା ପ୍ରସ୍ତାବିତ ଯୋଜନାଗୁଡ଼ିକର ସମୀକ୍ଷା, ପ୍ରତ୍ୟାଖ୍ୟାନ ବା ଗ୍ରହଣ କରିବା ପାଇଁ ସମାନ ସୁଯୋଗ ଦେଇଥାଏ । ସ୍ଥାନୀୟ ସ୍ୱଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ହେଲେ ଏକ ସ୍ୱଚ୍ଛ କାର୍ଯ୍ୟକ୍ଷମ ହିଁ ଗ୍ରାମସଭା । ପ୍ରତ୍ୟେକ ଗ୍ରାମବାସୀଙ୍କୁ ନିଜ ଗ୍ରାମରେ ବିକାଶ ପାଇଁ ଯୋଜନା କରିବାକୁ ଓ ସେ ସମ୍ବନ୍ଧିତ ନିଷ୍ପତି ନେବାକୁ ତାହା ସୁଯୋଗ ଦେଇଥାଏ । ଗ୍ରାମସଭା ଦ୍ୱାରା ସ୍ୱଶାସନ ବ୍ୟବସ୍ଥା ଓ ସାମାଜିକ ସମୀକ୍ଷା ପଂଚାୟତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କ୍ଷମତାପନ୍ନ କରିପାରିବ । ଏହା ପ୍ରଶାସନିକ ସଂସ୍କାର କମିଶନଙ୍କ ଦ୍ୱିତୀୟ ରିପୋର୍ଟରେ କୁହାଯାଇଅଛି । ୨୦୦୮ ମସିହାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ଅଭିଭାଷଣ ଦେବା ଅବସରରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱୀକାର କରିଥିଲେ ଯେ ଗ୍ରାମସଭା ଦ୍ୱାରା ପଂଚାୟତର ସମୀକ୍ଷା, ଶାସନ ବ୍ୟବସ୍ଥାକୁ ନାଗରିକଙ୍କୁ ଉତରଦାୟୀ କରିଥାଏ । ଆଜିର ବିକଶିତ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୁକ୍ତ ବ୍ୟବହାର ଦ୍ୱାରା ପଂଚାୟତ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ କରାଇବାର ସୁଯୋଗ ଆସିଛି । ଏହି ସୁଯୋଗର ଉପଯୁକ୍ତ ବିନିଯୋଗ ଓ ବିସ୍ତାର କରାଯିବା ଅତି ଆବଶ୍ୟକ । ଗତ ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନର ହାରାହାରି ୬୦ ଭାଗରୁ ଅଧିକ ମତଦାନ ଯଥାର୍ଥରେ ପଂଚାୟତିରାଜ ବ୍ୟବସ୍ଥାକୁ ଲୋକମାନଙ୍କର ଆସ୍ଥା ଓ ଭରସାକୁ ପ୍ରମାଣିତ କରାଇଛି । ଓଡ଼ିଶାର ବିଭିନ୍ନ ଅଂଚଳରେ ବିଚ୍ଛିନ୍ନବାଦୀ ସଂସ୍ଥାମାନଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ନିର୍ବାଚନ ବର୍ଜନ ଆହ୍ୱାନକୁ ପୁରପଲ୍ଲୀର ଜନବାସୀ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ପଲ୍ଲୀସଭା ତଥା ଗ୍ରାମସଭାକୁ ପ୍ରଭାବଶାଳୀ କରିବା ପାଇଁ ସ୍ଥାନୀୟ ଲୋକମାନଙ୍କର ଅଂଶଗ୍ରହଣ ଓ ନିଷ୍ପତି ନେବା ପ୍ରକ୍ରିୟାରେ ସଂସ୍ଲିଷ୍ଟ ହେବା ନିହାତି ଆବଶ୍ୟକ । ଦାରିଦ୍ର୍ୟ ଦୂରୀକରଣ ଓ ବିକାଶ ମୂଳକ କାର୍ଯ୍ୟକ୍ରମ ତଥା ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଗୁଡ଼ିକର ପ୍ରକଳ୍ପ ଚୟନ ଠାରୁ ଆରମ୍ଭ କରି ହିତାଧିକାରୀ ଚୟନ ପର୍ଯ୍ୟନ୍ତ ପଲ୍ଲୀସଭା ଓ ଗ୍ରାମସଭାର ଭୂମିକା ନିଶ୍ଚିତ ଭାବରେ ଦୃଷ୍ଟାନ୍ତକାରୀ ହେବା ଉଚିତ୍ । ଏକ ସ୍ୱଚ୍ଛ ଓ ଉତରଦାୟୀ ଲୋକତନ୍ତ୍ର ପ୍ରତିଷ୍ଠା - ଏହି ଦୁଇଟି ଅନୁଷ୍ଠାନରେ ଜନସହଭାଗୀତା ଉପରେ ନିର୍ଭର କରେ । ବିଶେଷ କରି ପଂଚାୟତିରାଜ ଅନୁଷ୍ଠାନରେ ପ୍ରଚଳିତ ୫୦ ଭାଗ ମହିଳା ସଂରକ୍ଷଣ ବ୍ୟବସ୍ଥା ନିଶ୍ଚିତ ଭାବରେ ଅବହେଳିତ ମହିଳା ଓ ଶିଶୁବର୍ଗମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହେବ । ଆମକୁ ନିଶ୍ଚିତ କରିବାକୁ ହେବ ପଲ୍ଲୀସଭା ଓ ଗ୍ରାମସଭାରେ ସ୍ୱାର୍ଥନ୍ୱେଷୀ ଗୋଷ୍ଠୀମାନଙ୍କର ଭୂମିକାକୁ ପ୍ରତିହତ କରିବାକୁ ହେଲେ ପଂଚାୟତର ଅଧିବାସୀମାନେ ବିପୁଳ ସଂଖ୍ୟାରେ ପଲ୍ଲୀସଭା ଓ ଗ୍ରାମସଭାରେ ଉପସ୍ଥିତ ରହି ନିଜ ଅଂଚଳର ଅର୍ଥନୈତିକ ବିକାଶ ଓ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରାଇବେ । ଓଡ଼ିଶାକୁ ଏକ ସମୃଦ୍ଧଶାଳୀ ରାଜ୍ୟରେ ଗଢ଼ି ତୋଳିବାକୁ ହେଲେ ଦାରିଦ୍ର୍ୟ ଓ ବେକାରୀକୁ ଦୂର କରିବାକୁ ହେବ । ଏଥିପାଇଁ ପଂଚାୟତିରାଜ ବ୍ୟବସ୍ଥା ସଶକ୍ତ, ସକ୍ରିୟ ଓ ଗତିଶୀଳ ହେଲେ ସୁଶାସନର ଫଳ ଲୋକଙ୍କ ପାଖରେ ପହଂଚିବା ସହିତ ମହାତ୍ମା ଗାନ୍ଧି ଓ ବିଜୁବାବୁଙ୍କର ସ୍ୱପ୍ନ ଚରିତାର୍ଥ ହୋଇପାରିବ ।

*ପ୍ରତିଷ୍ଠାତା ସମ୍ପାଦକ*
*'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

## ଅପେକ୍ଷା



◆ଆଶିଷ କୁମାର ସାମଲ

ଜୀବନର କେତେ ଅପେକ୍ଷା କରିଥିଲି
ଅସୁମାରି ଆଶା ରଖି
ସେଇ ଆଶା ବେଳେ ଭାଙ୍ଗିଗଲା ପରେ
ହୃଦୟକୁ ବାଧେ ବେଶୀ
ଜୀବନର କେତେ ଆଶା ରଖିଥିଲି
ସୁନେଲି ସ୍ୱପ୍ନଟେ ଦେଖି
ସେଇ ସ୍ୱପ୍ନ ବେଳେ ତୁଟି ଗଲା ପରେ
ମୁଁ ଅନ୍ଧକାରେ ଯାଏ ହଜି
ଜୀବନରେ କେତେ ସ୍ୱପ୍ନ ଦେଖିଥିଲି
ପ୍ରେମଟେ ପାଇବା ପାଇଁ
ସେଇ ପ୍ରେମ ବେଳେ ରାଗିଗଲା ପରେ
ଇଛା ହୁଏନା ଜୀଇଁବା ପାଇଁ
ଜୀବନରେ କେତେ ପ୍ରେମ କରିଥିଲି
ସାହାରାଟେ ପାଇବା ପାଇଁ
ତା'ଠୁ ସାହାରା ଯେବେ ନ ମିଳିଲେ ଆଜି
ମନ ମୋର ଯାଏ ଭାଙ୍ଗି
ଜୀବନର କେବେ ସାହାରା ମିଳିନି
ଯାତନା ଯେବେ ଆସ ମାଡ଼ି
ଦୂରରେ ଥା'ନ୍ତି ସମସ୍ତେ ମୋ'ଠୁ
ଏକୁଟିଆ ଦୁଃଖରେ ଛାଡ଼ି
ଜୀବନରେ କେବେ ଦୁଃଖ ମୁଁ କରିନି
କେହି ବି ରାଗିଲା ବେଳେ
କିନ୍ତୁ ତୁମେ ଅଭିମାନ କଲା ପରେ
ମରିବାକୁ ଲାଗେ ହୃଦୟ ଭାଙ୍ଗିଲା ବେଳେ
ତଥାପି ମୁଁ ଆଶା ରଖିଛି
କେବେ ତମେ କୋଳରେ ନବ ମୋତେ
ସବୁ ଦୁଃଖ ଅନ୍ଧାରକୁ ଦୂରେଇ
ଜୀବନଠୁ ଅଧିକ ଭଲ ପାଇବ ମୋତେ ।।

# ଲୋକଶକ୍ତି : ଦେଶର ଶକ୍ତି

◆ ଯୁଧିଷ୍ଠିର ମହାରଣା

ଲୋକଶକ୍ତି ହିଁ ଦେଶର ଶକ୍ତି । ଜନସାଧାରଣଙ୍କ ଭିତରେ ଜାଗରଣ ସୃଷ୍ଟି ହେଲେ ତାକୁ ରୋକିବା କାହାରି ପକ୍ଷରେ ସମ୍ଭବ ନୁହେଁ । ସେହି ଲୋକଶକ୍ତି ବା ଜନଶକ୍ତିର ବିଜୟକୁ ଫିଲିଫାଇନ୍‌ସ ରେ ପାଳନ କରାଯାଏ 'ଲୋକଶକ୍ତି ଦିବସ' ଭାବେ । ୧୯୮୬ ମସିହା ଫେବୃଆରୀ ୨୫ ତାରିଖରେ ସେଠାକାର ଜନସାଧାରଣ ଦେଶର ଏକଛତ୍ରବାଦୀ, ଅତ୍ୟାଚାରୀ, ଭ୍ରଷ୍ଟାଚାରୀ, ଦୁର୍ନୀତିଗ୍ରସ୍ତ, ଆତ୍ମସାତ୍‌କାରୀ, ବ୍ୟଭିଚାରୀ ସାମରିକ ଶାସକ ଫରଡିନାଣ୍ଡ ମାର୍କୋସଙ୍କୁ ଗାଦିରୁ ହଟାଇ ସେଠାରେ ଲୋକତନ୍ତ୍ରର ପ୍ରତିଷ୍ଠା କରିଥିଲେ । ତେଣୁ ସେହି ସ୍ମୃତିକୁ ମନେ ପକାଇବା ପାଇଁ ଫିଲିପାଇନ୍‌ସରେ ପ୍ରତ୍ୟେକ ବର୍ଷ ପାଳନ କରାଯାଏ 'ଲୋକଶକ୍ତି ଦିବସ' । ୧୯୭୨ ମସିହାରେ ଫିଲିପାଇନ୍‌ର ରାଜଧାନୀ ମାନିଲାରେ ସଂଗଠିତ ଏକ ବୋମା ବିସ୍ଫୋରଣ ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇ ଯାଇଥିଲା । ଏହି ଘଟଣାରେ ରାଷ୍ଟ୍ରପତି ମାର୍କୋସ ଦେଶରେ ସାମରିକ ଆଇନ୍ ଲାଗୁ କରିଥିଲେ । ଏହି ଘଟଣାରେ ତାଙ୍କର ବିରୋଧୀ ବେନିଙ୍ଗନୋ ଆକୁଆନାଙ୍କୁ ଗିରଫ କରିଥିଲେ । ତାଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନଥିଲେ ମଧ ସାମରିକ ଶାସକ ମିଥ୍ୟାରୋପରେ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ତେବେ ଏହା କୋହଳ କରାଯାଇ ୭ବର୍ଷର ଜେଲଦଣ୍ଡରେ ପରିବର୍ତନ ହୋଇଯାଇଥିଲା । ଜେଲରେ ସେ ହୃଦ୍‌ଘାତର ସମ୍ମୁଖୀନ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଆମେରିକା ପଠାଯାଇ ଥିଲା । କିନ୍ତୁ ସେଠାରୁ ଆକୁଆନା ଆଉ ଫେରିନଥିଲେ । ଆମେରିକାରେ ରହି ଆକୁଆନା ଓ ତାଙ୍କ ପତ୍ନୀ କୋରାକୋନ୍, ମାର୍କୋସ ସରକାରୀ ବିରୋଧରେ ଅଭିଯାନ ଚଳାଇଲେ । ତେବେ ଏହି ସମୟ ମଧରେ ମାର୍କୋସ ସରକାରଙ୍କ ଏକଛତ୍ରବାଦ ସାମରିକ ଶାସନ ଦେଶରେ ବୃଦ୍ଧି ପାଇସାରିଥିଲା । ୧୯୮୩ ମସିହା ଅଗଷ୍ଟ ୨୧ ତାରିଖରେ ମାନିଲା ଫେରିଥିଲେ ଆକୁଆନା । ତେବେ ବିମାନ ବନ୍ଦରରେ ତାଙ୍କୁ ଜଣେ ଅଜଣା ବନ୍ଧୁକଧାରୀ ଗୁଳି କରି ହତ୍ୟା କରିଥିଲେ । ଏହି ଘଟଣା ପରେ ଦେଶରେ ବ୍ୟାପକ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ଆକୁଆନାଙ୍କ ବିଧବା ପତ୍ନୀ କାରାଜୋନ୍‌ରେ



ନେତୃତ୍ୱରେ ଆରମ୍ଭ ହୋଇଥିଲା ଆନ୍ଦୋଳନ । ଲୋକଶକ୍ତିର ପ୍ରବଳ ବିରୋଧ ସତ୍ୱେ ନିର୍ବାଚନରେ ମାର୍କୋସ ସରକାର ବିଜୟ ଲାଭ କରିବାକୁ ସକ୍ଷମ ହୋଇଥିଲା । କିନ୍ତୁ ନିର୍ବାଚନରେ ଭ୍ରଷ୍ଟାଚାର, ବୁଥ୍‌ରେଗିଂ କରିଥିବା ଅଭିଯୋଗ ଓ ଆମେରିକାର ଚାପରେ ବାଧ ହୋଇ ୧୯୮୬ ମସିହା ଫେବୃଆରୀ ୨୫ ତାରିଖରେ ମାର୍କୋସ ନିଜ ପଦରୁ ଇସ୍ତଫା ଦେଇଥିଲେ ଏବଂ କୋରାଜନ ଦେଶର ରାଷ୍ଟ୍ରପତି ହୋଇଥିଲେ । ଫଳରେ ଦେଶରେ ଜନଶକ୍ତିର ବିଜୟ ହୋଇଥିଲା । ଏହି ସ୍ମୃତିକୁ ମନେରଖିବା ପାଇଁ ଦେଶରେ ପାଳିତ ହୋଇଥାଏ ଲୋକଶକ୍ତି ଦିବସ । ଏହା ୪ଦିନ ଧରି ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥାଏ । କେବଳ ଫିଲିପାଇନ୍ସ ନୁହେଁ ବିଶ୍ୱର ଯେଉଁ ଯେଉଁ ରାଷ୍ଟ୍ର ପରାଧିନତାର ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱାଧୀନତା ପାଇଛି ସେଠି ବାସ୍ତବରେ ଗଣତନ୍ତ୍ରର ବିଜୟ ସହ ଲୋକତନ୍ତ୍ରର ବିଜୟ ଘଟିଛି । ଲୋକତନ୍ତ୍ର ବୋଇଲେ ଲୋକଶକ୍ତିରୁ ଉଦ୍ଭବ ସର୍ବବୃହତ ଜାଗରଣ । ଆଜି ପୃଥିବୀର ସବୁଠି ବିକାଶଶୀଳ ରାଷ୍ଟ୍ର ହେଉ ବା ଅନୂନତ ରାଷ୍ଟ୍ର ସେଠି ସରକାରଙ୍କ ବିଧି ବ୍ୟବସ୍ଥା ହେଉ ବା କୌଣସି ଆଇନର ଯଥାର୍ଥତା ମାମଲା । ଯେଉଁଠି ବି ଲୋକଶକ୍ତି ଜାଗ୍ରତ ହୋଇଛି ସେଠି ପରିବର୍ତନର ଧ୍ୱଜା ଉଡ଼ିଛି ନିଶ୍ଚୟ । ପୃଥିବୀର ବିଶାଳ ଗଣତନ୍ତ୍ରର ମର୍ଯ୍ୟାଦା ପାଇଥିବା ଆମ ପ୍ରିୟ ଜନ୍ମଭୂମି ଭାରତ ବର୍ଷରେ ସବୁବେଳେ ଲୋକଶକ୍ତିର ହିଁ ବିଜୟ ହୋଇ ଆସିଛି । ଏହି ଦେଶକୁ ବର୍ଷ ବର୍ଷ ଧରି ପରାଧିନତାର ଦଉଡିରେ ବାନ୍ଧି ରଖିଥିବା ଶକ୍ତିଶାଳୀ ଗୋରା ଶାସନକୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅହିଂସାର ଅସ୍ତ୍ରରେ ବିତାଡ଼ିତ କରାଯାଇ ସ୍ୱାଧୀନତା ପାଇଥିଲୁ ଆମେ । ମହାତ୍ମା ଗାନ୍ଧୀଙ୍କ ସହ ଅଗଣତି କୋଟି କୋଟି ଭାରତୀୟଙ୍କ ଲୋକଶକ୍ତିର ହିଁ ବିଜୟର ଫଳସ୍ୱରୂପ ଆମ ପ୍ରିୟ ଜନ୍ମଭୂମି ସ୍ୱାଧୀନତା ପାଇଥିଲା । ଆମେ ପ୍ରତିଟି ଭାରତୀୟ ଆମ ବୃହତ୍ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ଲୋକଶକ୍ତି ସମ୍ମିଳିତ ଶକ୍ତିକୁ ନେଇ ପୃଥିବୀରେ ନିଜକୁ ଗର୍ବିତ ଅନୁଭବ କରୁଥିବା ଜଣେ ଜଣେ ନାଗରିକ । ଲୋକଶକ୍ତିର କେଉଁଠି ବି ପରାଜୟ ଘଟିନାହିଁ ଯଦିଓ କେତେକ କ୍ଷେତ୍ରରେ ବିଳମ୍ବିତ ହୋଇଛି ତେବେ ଯୁଗେ ଯୁଗେ ଲୋକଶକ୍ତିର ହିଁ ବିଜୟ ଘଟି ଆସିଛି ଓ ଘଟିବ ମଧ । କୌଣସି ଦେଶର ଚିନ୍ତାଶୀଳ ପ୍ରଗତି କ୍ଷେତ୍ରରେ ଲୋକଶକ୍ତିର ସଚେତନାତ୍ମକ ଜାଗରଣ ଏହାର କ୍ରାନ୍ତିକାରୀ ମୋଡ଼ ବୁଲାଇବା ପାଇଁ ସକ୍ଷମ ନିଶ୍ଚୟ । ତେବେ ଏ କ୍ଷେତ୍ରରେ ସବୁଠାରୁ ବଡ଼ ହେଉଛି ନିଜ ବ୍ୟକ୍ତିଗତ ବା ବ୍ୟକ୍ତିକେନ୍ଦ୍ରିକ ସ୍ୱାର୍ଥ ଅପେକ୍ଷା ନିଜ ରାଷ୍ଟ୍ର ଓ ନିଜ ସମାଜର ସ୍ୱାର୍ଥକୁ ସବୁଠାରୁ ବଡ଼ ମନେକରିବା । ନିଃସ୍ୱାର୍ଥପର ଧୈର୍ଯ୍ୟଶୀଳ ଚିନ୍ତନ ହେଉ ବା ସଂଗ୍ରାମ ସେଠି ଲୋକଶକ୍ତିର ବିଜୟ ସୁନିଶ୍ଚିତ । ଅଧୈର୍ଯ୍ୟ ହୋଇ କୌଣସି କ୍ଷେତ୍ରରେ ହିଂସାର ରାସ୍ତାକୁ ଆମେମାନେ ଗ୍ରହଣ କରିବା ଯଥାର୍ଥ ନୁହେଁ ବରଂ ଏହା ଏକ ବିପଦଜନକ ପଦକ୍ଷେପ । ଆଜି ଲୋକଶକ୍ତି ଦିବସ ପରି ନିଜ ରାଷ୍ଟ୍ର ଓ ସମାଜ ପାଇଁ ସମର୍ପିତ ଦାୟିତ୍ୱବୋଧତାକୁ ଗୁରୁତ୍ୱ ମନେକରି ନିଃସ୍ୱାର୍ଥପର ଭାବେ ଦାୟିତ୍ୱ ପ୍ରତି ସଚେତନ ରହିବାର ପୁଣ୍ୟ ସ୍ମରଣୀୟ ଦିବସ । ଆଜିପରି ଦିନରେ ଆମ ସମସ୍ତଙ୍କ ଭିତରେ ନିଜ ଆତ୍ମଶକ୍ତିକୁ ଜାଗରିତ କରି ନିଜ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିଲେ ଏହି ଦିବସର ଯଥାର୍ଥତା ଓ ତାତ୍ପର୍ଯ୍ୟତା ଅମ୍ଳାନ ହୋଇ ରହିବ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮*

## ଅଫେରନ୍ତା ମୋ ପିଲା ଦିନ

◆ ବେଦମତୀ ପ୍ରିୟଙ୍କା ରଥ

ଯେତେ ସାଉଁଟିଲେ ଫେରି ପାଉନାହିଁ
ମୋର ସେଇ ପିଲାଦିନ,
ଯେତେ ଭାବେ ସେତେ ଭରିଦେଇଯାଏ
ମନ ସାରା ମିଠା ଚିହ୍ନ...!!!
ଚିହ୍ନି ପାରୁନାହିଁ ନିଜକୁ ଆଉ ମୁଁ
ଯାଇଛି ସବୁ ବଦଳି,
ବୟସ ପାହାଚେ ପାଦ ଦେବା ଦିନୁ
ନିଜକୁ ଗଲିଣି ଭୁଲି...!!!
ସବୁଠୁ ଅଧିକା ମନେ ପଡେ ମୋର
ବିଦ୍ୟାଳୟ ପରିବେଶ,
ଜୀବନଟା ଥିଲା ତାହାରି କୋଳରେ
ସୁମଧୁର ଯେ ସରସ...!!!
ସେଇ ଶ୍ରେଣୀଗୃହ ସେ ଖେଳପଡିଆ
ଲାଗୁଥିଲା ସ୍ୱର୍ଗପୁର,
ସାଙ୍ଗ ସାଥି ଥିଲେ ନିଜର ଠୁଁ ବଳି
ଗୁରୁ ସାକ୍ଷାତ ଈଶ୍ୱର...!!!
ସକାଳ ପ୍ରାର୍ଥନା, ମଧ୍ୟାନ୍ନ ବିରତି
ପୁଣି ସେଇ ଖେଳ ଛୁଟି,
ବନ୍ଧୁ ମେଳେ ବସି ଖାଇବା, ଖେଳିବା
ଭାବିଲେ ଲାଗେ କି ଶାନ୍ତି...!!!
ପହିଲି ପ୍ରେମରେ ପ୍ରେମ ଚିଠି ଦେଇ
ଶ୍ରେଣୀରେ ଧରା ପଡିବା,
ଗଣିତ ଖାତାକୁ ଘରେ ଭୁଲିଯାଇ
ବାହାରେ କୁକୁଡ଼ା ହେବା...!!!
ପ୍ରଶଂସା ଟିକିଏ ପାଇଲେ ଶ୍ରେଣୀରେ
ଖୁସିରେ ନାଚି ଉଠିବା,
ପରୀକ୍ଷା ପାଇଁ କି ପାଠକୁ ନ ପଢି
ଭାଷଣ ବସି ଘୋଷିବା...!!!
ସରସ୍ୱତୀ ପୁଣି ଗଣେଶ ପୂଜାରେ
ନୁଆଁ ଡ୍ରେସ ଟିଏ ପକ୍କା,
ଶିଶୁ ଦିବସ ଯେ ମହତ ଦିନ ରେ
ସେଉ ବୁନ୍ଦିର ଠୁଙ୍କା...!!!
ପାଠ ନ ଆସିଲେ ଛାଟ ପଡୁଥିଲା
ତଥାପି ନଥିଲା ଦୁଃଖ,
ଏଇ ଜୀବନରେ ଆଉ କି' ଫେରିବ
ସେ ପିଲା ଦିନର ସୁଖ...???

*କ୍ରିଷ୍ଣା ନଗର, ଘଡଘଡ଼ାପଲ୍ଲୀ,ଗଞ୍ଜାମ, ଓଡିଶା- ୭୬୧ ୦୨୦*
*ଯୋଗାଯୋଗ-୭୮୯୪୪୩୪୭୨୬*

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଲରା

କଲରାରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହାର ମୁଖ୍ୟ ଭୂମିକା ଅଛି ବୋଲି ଜଣାପଡ଼ିଛି । କଲରାରେ ଆଂଟି-ଅକ୍ସିଟାଂଟ ଗୁଣ ଥବବାରୁ ବାହାର ଜୀବାଣୁକୁ ଶରୀର ଭିତରକୁ ଯିବାକୁ ଦିଏ ନାହିଁ । ଥିରେ ଭିଟାମିନ୍-ଏ ଭରି ରହିଛି, ଯାହା ନୂଆ ଚର୍ମ ଗଠନରେ ସହାୟକ ହୋଇଥାଏ । ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ ମହୌଷଧି ପରି କାମ କରେ । ହୃଦ୍‌ଜନିତ ଏବଂ ଡାଇବେଟିସ୍ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ନିହାତି ଦରକାର । କାରଣ ଏହାକୁ ଖାଇବା ଦ୍ୱାରା ରକ୍ତିରେ ଶର୍କରାର ପରିମାଣ କେତେକାଂଶରେ କମିଥାଏ । କଲରା ଜୁସ୍ ମଧ ଆମ ଶରୀର ପାଇଁ ବେଶ୍ ଉପକାରୀ । ଇନସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଂଚାଳନକୁ ଶରୀରରେ ଠିକ୍ ଭାବେ କରାଇଥାଏ କଲରା । ଉଚ୍ଚରକ୍ତଚାପ, ଆଜ୍‌ମା ଭଳି ମାରାତ୍ମକ ରୋଗକୁ ଏହା କିଛିମାତ୍ରାରେ ମଧ କମାଇ ଥାଏ । ଏହା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ମଧ ସାହାଯ୍ୟ କରେ













# ଜିଲ୍ଲା ସ୍ତରୀୟ ଭାରତ ବିକଶିତ ୟୁଥ୍ ପାର୍ଲିଆମେଂଟ କାର୍ଯ୍ୟକ୍ରମ ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ




ନୂଆପଡ଼ା : (ନି.ପ୍ର) ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭା ଗୃହ ପରିସରରେ ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଜିଲ୍ଲା ସ୍ତରୀୟ ଭାରତ ବିକଶିତ ୟୁଥ୍ ପାର୍ଲିଆମେଂଟ କାର୍ଯ୍ୟକ୍ରମ ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ଫେବୃଆରୀ ୨୫ ବୁଧବାର ଦିନ ଆୟୋଜିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ନୂଆପଡା ଜିଲ୍ଲାର ଆଠଗୋଟି ମହାବିଦ୍ୟାଳୟର ୨୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ । ଛାତ୍ର ଛାତ୍ରୀ ମାନେ ବିକଶିତ ଭାରତ କୁ ନେଇ ବିଭିନ୍ନ ବିଷୟରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିବେ । ସେମାନଙ୍କ ମଧ୍ୟରୁ ୫ ଜଣ ଛାତ୍ରୀ ଛାତ୍ରୀ ଚୟନ ହୋଇ ଆଗାମୀ ଦିନରେ ରାଜ୍ୟ ବିଧାନ ସଭାରେ ଅଭିଭାଷଣ ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମକୁ କ୍ରୀଡା ଓ ଯୁବ କଲ୍ୟାଣ ବିଭାଗ ଭାରତ ସରକାର , ଜାତୀୟ ସେବା ଯୋଜନା , ନେହେରୁ ଯୁବ କେନ୍ଦ୍ର ଆଦି ସହଯୋଗ କରୁଛନ୍ତି । ଏନେଇ ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସୂଚନା ଦେଇଥିବା ବେଳେ ଜିଲ୍ଲା ପ୍ରୋଗ୍ରାମ ଅଫିସର ତଥା ଅଧ୍ୟାପିକା ପ୍ରଣତୀ ପଣ୍ଡ ଏବଂ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ ।

# ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ମେଧାବୃତି ପ୍ରଦାନ




କଟକ : ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ଓଷ୍ଟା ମେଧାବତି ସମ୍ବର୍ଦ୍ଧନା ସମାରୋହ ଆଜି ନୟାସଡ଼କ ସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଅଛି । ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ଯକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉଦ୍ଘାଟକ ଭାବେ ଶ୍ରୀଯୁକ୍ତ ଭଗବାନ ପ୍ରସାଦ ସାହୁ, ସ୍ୱତନ୍ତ୍ର ଶାସନ ସଚିବ, ଆଇନ୍ ବିଭାଗ ଯୋଗଦେଇ ଉକ୍ତ ସମାରୋହକୁ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ କହିଥିଲେ ବିନା ଗୁରୁରେ ବିଦ୍ୟା ସମ୍ଭବ ନୁହେଁ । ଆମମାନଙ୍କର ପ୍ରଥମ ଗୁରୁ ହେଲେ ପିତାମାତା । ପିତାମାତାଙ୍କ କଥା ମାନିବା ଓ ଗୁରୁମାନଙ୍କ ଉପଦେଶକୁ ଗ୍ରହଣ କରି ଆଗକୁ ବଢ଼ିବା ପାଇଁ ସେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ବିରେନ୍ଦ୍ର କେରକେଟା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ଓଡ଼ିଶା ଯୋଗଦେଇ କହିଥିଲେ ଓଷ୍ଟାଦ୍ୱାରା ଆୟୋଜିତ ଏହି ମେଧା ଅନ୍ୱେଷଣ ପରୀକ୍ଷା ଆମ ଓଡ଼ିଶାର ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରେରଣାର ଉତ୍ସ । ମେଧାବୀ ଗୁଣର କୌଣସି ପରିସୀମା ନାହିଁ । ପ୍ରଥମେ ଚରିତ୍ର ଗଠନ ଓ ପରିବାରର ବୟୋଜ୍ୟେଷ୍ଠ ମାନଙ୍କୁ ସମ୍ମାନ ଦେବା ସହିତ ଅବିଶ୍ରାନ୍ତ ପରିଶ୍ରମ 'ଳରେ ଆଗକୁ ବଢ଼ି ସ'ଳତା ହାସଲ କରିପାରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ସୁଶ୍ରୀ ଧରିତ୍ରୀ ବରାଳ, ଉପ ହିସାବ ନିୟନ୍ତ୍ରକ, ଭୁବନେଶ୍ୱର ଯୋଗଦେଇ କହିଥିଲେ ବିଦ୍ୟା ଈଶ୍ୱର ଦତ୍ତ । ଛାତ୍ରଛାତ୍ରୀମାନଙ୍କୁ ମେଧାବୀ ହେବା ସହିତ ଗୁଣବାନ ହେବାକୁ ପରାମର୍ଶ ଦେଇ ସେ କହିଥିଲେ ଆମ ଜୀବନରେ ଆସିଥିବା ପ୍ରତ୍ୟେକ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉଭୟ ପିତାମାତା ଓ ଗୁରୁଙ୍କୁ ସମ୍ମାନ ଦେବା, ଈଶ୍ୱରଙ୍କୁ ଭଲ ପାଇବା ଓ ସ୍ୱପ୍ନବିଳାସୀ ହୋଇ ଆଗକୁ ଆଗେଇବା । ଭଲ ମଣିଷ ହୋଇ ପରିବାର, ସମାଜ, ରାଜ୍ୟ ତଥା ଦେଶର ଉନ୍ନତିରେ ସହାୟକ ହେବା । ଶେଷରେ ପିଲାମାନଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରହିବାପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ ।ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଆଜିକାର ସଭାର ଉଦ୍ଦେଶ୍ୟ ଜ୍ଞାପନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଂଚାସୀନ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ହୋଇ ରାଜ୍ୟ ତଥା ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି ଆଶୀର୍ବଚନ ପ୍ରଦାନ କରିଥିଲେ । ଶୈକ୍ଷିକ କମିଟି ସଂପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ମେଧାବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ୧୧୮ ଜଣ ବିଦ୍ୟାର୍ଥୀଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ଓ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରି ବୃତିରାଶି ୩୦୦୦(ତିନିହଜାର) ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ଏହି ଅବସରରେ ଓଷ୍ଟାର ନେତୃମଣ୍ଡଳୀ ସର୍ବଶ୍ରୀ ସଞ୍ଜୟ କୁମାର ସିଂହ, ତ୍ରିଲୋଚନ ଦାଶ ଆଦି ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ । ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ସହ ସେମାନଙ୍କର ଅଭିଭାବକ/ଅଭିଭାବିକା, ମାର୍ଗଦର୍ଶକ/ମାର୍ଗଦର୍ଶିକାମାନେ ଉପସ୍ଥିତ ଥିଲେ । ଶେଷରେ ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଦର ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ : ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଫାଇଲେରିଆ ବା ଶ୍ଳୀପଦ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ସୋମବାର ସକାଳେ ଅନୁଷ୍ଠିତ ହୋଇ ଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ, ସନ୍ତସନ୍ଥିଆ ଜାଗାରେ ଫାଇଲେରିଆ କୃମି ଯୁକ୍ତ ଆନୋଫିଲିସ ମଶା ବଢ଼ନ୍ତି, ଏମାନେ କାମୁଡ଼ିଲେ କାଟ ଲସିକା ସଂବହନରେ ଯାଇ ଲସିକାଗ୍ରନ୍ଥି ସବୁକୁ ବଢାଇ କମ୍ପନ ଯୁକ୍ତ ଜ୍ୱର, ମୁଣ୍ଡବ୍ୟଥା, ଗୋଡ, କୋଷ, ହାତ, ନାକ, କାନ ବା ଓଠ ଫୁଲି ଯାଏ । ଲସିକା ଆୟୁଥିବାରୁ କ୍ଷୀର ରଙ୍ଗର ପରିସ୍ରା ହୁଏ । ଅର୍ଦ୍ଧ ରାତ୍ରିରେ ରକ୍ତ ପରୀକ୍ଷା କରି ବା ନାଡୀ ଦେଖି ରୋଗ ନିର୍ଣ୍ଣୟ ହୁଏ । ମଶା ବଂଶ ନାଶ କରି, ମଶାରୁ ଦୂରେଇ ରହିଲେ ରୋଗ ହୁଏ ନାହିଁ । ଖଟା, ବାସୀ ଥଣ୍ଡା ଓ କଫ କାରକ ଖାଦ୍ୟ ଛାଡି ହଳଦୀ ଚୂର୍ଣ୍ଣ ଗୁଡ଼ ସହ ବା ଗିଲ ପତ୍ର ବା ଗୁଳୁଚି ପତ୍ର ରସ ସହ ସୋରିଷ ତେଲ ପିଇଲେ ଭଲ ହୋଇଯାଏ । ଫୁଲା ବ୍ୟଥା ସ୍ଥାନରେ ଦୁଦୁରା କିମ୍ବା ବୃଦ୍ଧଦାରକପତ୍ର ବାଟି ଗରମ କରି ଲଗାଇଲେ ଭଲ ହୋଇଯାଏ । ଫୁଲା ସ୍ଥାନରେ ଶୁଦ୍ଧ ଜୋକ ଲଗାଇଲେ ଅଶୁଦ୍ଧ ରକ୍ତ ବାହାରିଯାଇ ଫୁଲା ଶୀଘ୍ର କମିଯାଏ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିର ପରିଚାଳନାରେ ସହଯୋଗ କରିଥିଲେ କେ. ବାଳକୃଷ୍ଣ ପାତ୍ର ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଧର୍ମଶାଳା : ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ପକ୍ଷରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକୁ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥା ସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ । ଏହି ଶିବିରରେ ମୋଟ ୧୩୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରେ ୧୧୩ଟି ବ୍ୟକ୍ତିଗତ ସମସ୍ୟା, ୪ଟି ଗୋଷ୍ଠୀଗତ ଓ ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା ୨୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଦେବୀ ପ୍ରସାଦ ମହାନ୍ତି, ଦଶରଥପୁର ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ତହସିଲଦାର ଶୁଭ୍ରାଂଶୁ ସାହୁ, କ୍ଷେତ୍ରାଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆସି ଥିବା ଅଭିଯୋଗର ଶୁଣାଣି କରିଥିଲେ ।

# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା ଅନୁଷ୍ଠିତ



କଟକ : 'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ.କେ ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଇଂ ହରିହର ସେଠୀ ସଭାପତିତ୍ୱ କରି ଆଧ୍ୟାତ୍ମିକ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ । ପ୍ରାଚୀ ଅନୁଷ୍ଠାନର ସଂପାଦକ ଡ. ବିଭୁଦ□ ଖଣ୍ଡାୟତରାୟ ସଂପାଦକୀୟ ଅଭିଭାଷଣ ଦେଇ ଥିଲେ । ମୁଖ୍ୟ ଅତିଥି ଭାବେ ଡାକ୍ତର ସୁଦର୍ଶନ ପଟ୍ଟନାୟକ ଭଗବତ ଗୀତା ଦର୍ଶନର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଡକ୍ଟର ଶଶି ଭୂଷଣ ନାୟକ ଯୋଗ ଦେଇ ଗୀତା ଦର୍ଶନର ବିଶ୍ୱ କଲ୍ୟାଣ ପାଇଁ ଆବଶ୍ୟକ ଅଛି ବୋଲି ବକ୍ତବ୍ୟ ରଖିଥିଲେ । କବିତା ପାଠୋତ୍ସବରେ ଡକ୍ଟର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ସସ୍ମିତ କୁମାର ରାୟ, ପ୍ରଣବ କୁମାର ନନ୍ଦୀ, ରଂଜନ ରାୟ, ପ୍ରଫେସର ଲବଙ୍ଗଲତା ବିଶେଷ ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଷିପୀଠ ଯୋଗୀମଠ ମହୋତ୍ସବ ପାଳନ ନେଇ ଶୁଭସ୍ତମ୍ଭ ସ୍ଥାପନ

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା କଲେଜ୍ ପଡ଼ିଆରେ ଆସନ୍ତା ଏପ୍ରିଲ ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ରଷିପୀଠ ଯୋଗୀମଠ ମହୋତ୍ସବ । ଏନେଇ ଆଜି ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି । ଏଥିରେ କର୍ତା ଭାବରେ ଉଗ୍ର ମାଧବ ମାଝୀ ଓ ବୁଦାଙ୍ଗ ଜାନି ରହିଥିବା ବେଳେ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ କମଳ ଲୋଚନ ଜାନି, ଗୁଜରାତି ଝାଙ୍କର , ଭଗବାନ ଦାଶ ଓ ନରେଶ ମାଝୀ । ମାଆ ରିସିପିଟେନ ଓ ଗଡିଏନଙ୍କ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଏଥିରେ ରଷିପୀଠ ଯୋଗୀମଠ ମହୋତ୍ସବ ପାଳନ କମିଟିର ସମସ୍ତ ସଦସ୍ୟଙ୍କ ସମେତ ଖଡ଼ିଆଳ ବ୍ଲକର ତୁକଲା, ରିଷିଗାଁ, ଖାସବାହାଲ, ବଡଦୋହେଲ, ଦୋହେଲପଡ଼ା ଓ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବୋଲଧା ଗ୍ରାମ ପଂଚାୟତର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଖଡ଼ିଆଳ ବ୍ଲକ ରିଷିଗାଁ ଗ୍ରାମରେ ଥିବା ଯୋଗୀମଠ ପାହାଡ଼ର ଏକ ଗୁମ୍ଫାରେ ଆଦିମ ମାନବ ମାନଙ୍କ ସାଙ୍କେତିକ ଚିହ୍ନ ଆବିଷ୍କୃତ ହୋଇଛି, ଯାହାକି ଖ୍ରୀଷ୍ଟ ପୂର୍ବ ଦଶ ହଜାର ବର୍ଷର ବୋଲି ଖଡ଼ିଆଳର ଭୂତପୂର୍ବ ରାଜା ଡଃ. ଜିତାମିତ୍ର ସିଂ ଦେଓ ଦାବି କରିଥିଲେ । ସେହିପରି ରିଷିପିଟି ପାହାଡ଼ରେ ମାଆ ରିସିପିଟିଏନ୍ ପୂଜା ପାଉଥିବା ବେଳେ ରାଜ୍ୟ ସରକାର ଏହି ଦୁଇ ପାହାଡକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପୂର୍ବକ ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ଦୁଇ ଐତିହାସିକ ପାହାଡର ପ୍ରଚାର ପ୍ରସାର ସହ ଏ ଅଂଚଳର କଳା ସଂସ୍କୃତିକୁ ଲୋକ ଲୋଚନକୁ ଆଣିବା ପାଇଁ ମହୋତ୍ସବ ଆୟୋଜନ କରାଯାଇଛି ବୋଲି ଆୟୋଜକ କମିଟି କହିଛି । ଆଜିର କାର୍ଯ୍ୟକ୍ରମରେ ଅୟୋଜନ କମିଟିର ଶତାଧିକ କାର୍ଯ୍ୟକର୍ତା ଯୋଗଦାନ କରିଥିଲେ ।

# ଖଇରପୁଟ ବ୍ଲକରେ ଆରମ୍ଭ ହେଲା ସମ୍ପୂର୍ଣ୍ଣତା ଅଭିଯାନ

ମାଲକାନଗିରି : ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି କେନ୍ଦ୍ର ସରକାରଙ୍କ ବହୁ ପ୍ରତିକ୍ଷୀତ, 'ସମ୍ପୂର୍ଣ୍ଣତା ଅଭିଯାନ ୨.୦ ' ଯୋଜନା । ଆଜିର କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ପିତା ମହାନ୍ତି ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରକଳ୍ପ ପ୍ରଶାସକ ଦାସରଥୀ ସରାବୁ ଯୋଗ ଦେଇଥିବାବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନରାଜ କିର୍ଷାନୀ, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ସାଂସଦ ପ୍ରତିନିଧି ସାନୁ ରଥ, ବିଧାୟକ ପ୍ରତିନିଧି ନିରଞ୍ଜନ ରାଜୁ, ନିତି ଆୟୋଗ ସଦସ୍ୟ ରାଜାରାମ ମଲ୍ଲିକ, ଶିଶୁ ବିକାଶ ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ସରପଂଚ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦ୍ୱିପ ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ବନ୍ଦେ ମାତରଂ ଜାତୀୟ ଗୀତର ୧୫୦ ବର୍ଷ ପୂର୍ତି ଅବସରରେ ଏହି ଗୀତକୁ ଅତି ସମ୍ମାନର ସହ ସମ୍ପୂର୍ଣ୍ଣ ଭାବେ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ସରାବୁ କହିଥିଲେ ଯେ, ଏହା କେନ୍ଦ୍ର ସରକାରଙ୍କ ଏକ ବହୁ ଉପଯୋଗୀ ଓ ପ୍ରତିକ୍ଷୀତ ଯୋଜନା, ତାହା ହେଉଛି 'ସମ୍ପୂର୍ଣ୍ଣତା ଅଭିଯାନ ୨.୦ ' । ଏହି ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ପୁରା ଭାରତରେ ୫୦୦ ଗୋଟି ଆକାଂକ୍ଷୀ ବ୍ଲକରେ କାର୍ଯ୍ୟ ଓ ଯୋଜନା ଗୁଡ଼ିକର ଶତ ପ୍ରତିଶତ ତ୍ୱରାନ୍ୱିତ ନିମନ୍ତେ ପ୍ରାଥମିକତା ଭିତିରେ ହାତକୁ ନିଆଯାଇଛି, ଯେଉଁଥିରେ ବ୍ଲକର ବିଭିନ୍ନ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସୁଦ୍ଧ ପାନିୟ ଜଳର ବ୍ୟବସ୍ଥା, ପଶୁ ସମ୍ପଦ ବିକାଶ, ପଂଚାୟତିରାଜ ବ୍ୟବସ୍ଥା, କୃଷି କ୍ଷେତ୍ର ସହ ଅନ୍ୟ ବିଭାଗୀୟ କାର୍ଯ୍ୟ ଓ ଯୋଜନା ଗୁଡ଼ିକର ସମ୍ପୂର୍ଣ୍ଣ ଶତ ପ୍ରତିଶତ ରୁପାୟନ ହେଉଛି ଏହାର ମୂଳ ଉଦ୍ଦେଶ୍ୟ । ଏହି ସମ୍ପୂର୍ଣ୍ଣତା ୨.୦ ମାଧ୍ୟମରେ ଚଳିତ ବର୍ଷ ଅକାଂକ୍ଷୀ ବ୍ଲକ ଗୁଡିକ ପାଇଁ ୬ ସୂତ୍ରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ଯଥା:- ଛଅ ମାସ ଠାରୁ ଛଅ ବର୍ଷର ଶିଶୁ ସନ୍ତାନ ମାନଙ୍କୁ ଆଇସିଡ଼ିଏସ ମାଧ୍ୟମରେ ଦିଆଯାଉଥିବା ଅତିରିକ୍ତ ପୋଷଣ ଆହାରର ପ୍ରତିଶତ, ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ବ୍ୟବହାର ଯୋଗ୍ୟ ଶୌଚାଳୟର ପ୍ରତିଶତ, ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ବ୍ୟବହାର ଯୋଗ୍ୟ ସ୍ୱଚ୍ଛ ପିଇବା ପାଣିର ପ୍ରତିଶତ, ବିଦ୍ୟାଳୟ ପରିସରରେ ବାଳିକା ମାନଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ସଂଖ୍ୟା ପ୍ରତିଶତରେ ଓ ଗୃହପାଳିତ ପଶୁମାନଙ୍କ ଠାରେ ହେଉଥିବା ଫାଟୁଆ ରୋଗ ନିରାକରଣ ଓ ଏହାର ଟିକାକରଣର ପ୍ରତିଶତ କେତେ ଦର୍ଶାଇବା ପାଇଁ ତିନି ବିଭାଗ ଯଥା ମାତୃତ୍ୱ ଓ ଶିଶୁ ବିକାଶ, ଶିକ୍ଷା ବିଭାଗ ଓ ପଶୁସମ୍ପଦ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା କହିଥିଲେ । ପରିଶେଷରେ ସମସ୍ତ ଅତିଥି ମାନେ ଏହି ଅଭିଯାନ ଉଦ୍ଦେଶ୍ୟକୁ ପ୍ରଦର୍ଶନୀ ମାଧ୍ୟମରେ ସାର୍ଥକ କରୁଥିବା ବିଭିନ୍ନ ଷ୍ଟଲ ଗୁଡିକୁ ବୁଲିଥିଲେ ଓ କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା, ଯାହାର ଶବ୍ଦ ଓ ମଂଚ ସଂଚାଳନା ଓଏଲଏମ୍ କର୍ମଚାରୀ ଚିନ୍ମୟ କୁମାର ସିଂ ଓ ଲିଙ୍ଗରାଜ ପାଣିଗ୍ରାହୀ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଡ଼ିଓ ଶ୍ରୀମତୀ ମହାନ୍ତି ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଜଣାଇବା ସହ ଏହି ସମ୍ପୂର୍ଣ୍ଣତା ଅଭିଯାନକୁ ସଫଳ ଓ ସାକାର କରିବା ଲକ୍ଷ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଚମ୍ପୁଆରେ ଦୁଗ୍ଧ ସମବାୟ ସମିତି ଗଠନ ପ୍ରକ୍ରିୟା ଆରମ୍ଭ

ଚମ୍ପୁଆ : ଚମ୍ପୁଆ ଲ୍ୟାମ୍ପସ ଅଧିନରେ ଚମ୍ପୁଆଠାରେ ଏକ ଦୁଗ୍ଧ ସମବାୟ ସମିତି ଗଠନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଚମ୍ପୁଆ ନିୟନ୍ତିତ ବଜାର କମିଟି ସଭାକକ୍ଷଠାରେ ଚମ୍ପୁଆ ଏଆରସିଏସ ମଙ୍ଗଲ ସୋରେନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦୁଝର ଓମଫେଡର ସାଧାରଣ ପରିଚାଳକ (ଜି.ଏମ) ଭକ୍ତ ବତ୍ସଳ ଜେନା, ପ୍ରଦୀପ କୁମାର ମହାନ୍ତି, ଝୁମ୍ପୁରା କନିଷ୍ଠ ପରିଚାଳକ ତିଳୋତମା ନାୟକ, ରଜିଆ ସରପଂଚ ସନ୍ତୋଷ ନାଏକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ବର୍ତମାନ ଜିଲାର ବିଭିନ୍ନ ସ୍ଥାନରେ ଦୁଗ୍ଧ ସମବାୟ ସମିତି ଜରିଆରେ କେନ୍ଦୁଝର ଓମଫେଡକୁ କ୍ଷୀର ଯାଉଛି । ପୁଣି ସେହି କ୍ଷୀରରୁ ଘିଅ, ଛେନା, ଲହୁଣି, କ୍ଷୀର, ଦହି, ରାବିଡି, ପନିର ଆଦି ପ୍ରସ୍ତୁତ ହୋଇ ଲୋକମାନଙ୍କ ନିକଟକୁ ଆସୁଛି । ତେଣୁ ଲୋକମାନଙ୍କର ସହଭାଗିତା ବଢିଲେ ଚାଷୀମାନଙ୍କର ମଧ୍ୟ ଉନ୍ନତି ହେବା ସହିତ ଜୀବନଧାରଣର ମାନ ବୃଦ୍ଧି ପାଇବ ବୋଲି ପଦାଧିକାରୀ କହିଥିଲେ । ଏହାଛଡା ସରକାରଙ୍କ କାମଧେନୁ ଯୋଜନା ପରି ବହୁ ଯୋଜନାର ଲାଭ ଉଠାଇ ଚାଷୀମାନେ ସଂଗଠିତ ହେଲେ ଆର୍ଥୀକ ପ୍ରଗତି ସମ୍ଭବ ହେବ ବୋଲି କହିଥିଲେ

# ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି

ଜୟପୁର : କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡା. ସୁଦର୍ଶନ ଗୌଡ଼ଙ୍କ ସଭାପତିତ୍ୱରେ ଯାଦବ ଭବନ ଠାରେ ଆୟୋଜିତ ଏହି ବୈଠକରେ ସଂପାଦକ କବିରାଜ ପରମେଶ୍ୱର ପାତ୍ର ବିବରଣୀ ପାଠ କରିଥିଲେ । ପ୍ରସ୍ତାବିତ ସମ୍ମିଳନୀକୁ ମାର୍ଚ୍ଚ ଶେଷ ସପ୍ତାହ ରବିବାର ଦିନ କରାଯିବା ନେଇ ସ୍ଥିର ହୋଇଥିଲା । ଏଥିରେ ଆୟୁର୍ବେଦର ପ୍ରସାର ସହ ଚିକିତ୍ସକ, ବୈଦ୍ୟ, ଦିଶାରୀ ଏବଂ ଆୟୁର୍ବେଦପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ନିଷ୍ପତି ହୋଇଥିଲା । ଜୟପୁର ଟାଉନ୍ ହଲ୍ ରେ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ବୈଠକ ହେବାକୁ ପ୍ରସ୍ତାବ ଆସିଥିଲା । ରାଜ୍ୟ ସରକାର ବଜେଟ୍ରେ ତିନୋଟି ଆୟୁର୍ବେଦ ମହାବିଦ୍ୟାଳୟ ଖୋଲିବା ଘୋଷଣାକୁ ଘୋଷଣା କରିଥିବାରୁ ଆଇନ ଉପଦେଷ୍ଟା ରାଜେନ୍ଦ୍ର କୁମାର ଗୌଡ଼ ଏହାକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ସରକାରଙ୍କ ଏହି ଆଭିମୁଖ୍ୟ କିଭଳି ଅଧିକ ଲୋକଙ୍କ ସେବାରେ ଆସିବ ସେନେଇ ପରିଷଦ କାର୍ଯ୍ୟ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ବୈଠକରେ ଉପସଭାପତି କବିରାଜ କ୍ଷେତ୍ରବାସୀ ପଣ୍ଡା ମଂଚାସୀନ ରହିଥିବା ବେଳେ ସହ ସଂପାଦକ ବୈଦ୍ୟ ସତ୍ୟନାରାୟଣ ପରିଛା, ଉପଦେଷ୍ଟା ବୈଦ୍ୟ ଜବାହାରଲାଲ ଜେନା, କାଳୀ ଚରଣ ମହାରଣା, ଲିଲୁ ପାତ୍ର, ହିମାଂଶୁ ପାଣିଗ୍ରାହୀ, ଶିବ କେଶବ ଦାସ, ଚନ୍ଦ୍ରକାନ୍ତ ସୂତାର, ହେମନ୍ତ ପାଣିଗ୍ରାହୀ ପ୍ରମୁଖ ଭାଗ ନେଇଥିଲେ ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରଜତ ଜୟନ୍ତୀ ଉତ୍ସବ



ଭଦ୍ରକ : ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର, ନୂତନ କର୍ମକର୍ତା ନିର୍ବାଚନ ଓ ରଜତ ଜୟନ୍ତୀ ଉତ୍ସବ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ଅନାଦି ଚରଣ ଦାସ, କରୁଣାକର ଉପାଧ୍ୟାୟ, ବସନ୍ତ କୁମାର ଦେ, ବିକାଶ କୁମାର ମହାନ୍ତି, ରାଜେନ୍ଦ୍ର ପାତ୍ର, ବାମନ ଚରଣ ରାଉତଙ୍କ ଦ୍ୱାରା ସଦସ୍ୟ, ସଦସ୍ୟା, ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପଞ୍ଜିକରଣ ପରେ ନିର୍ବାଚନ ଅଧିକାରୀ ଭାବେ ଡେପୁଟି କଲେକ୍ଟର ଶ୍ୱେତାଶ୍ରୀ ମହାପାତ୍ର, ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ା, ପ୍ରଧାନ ଶିକ୍ଷକ ସରୋଜ କୁମାର ପ୍ରଧାନଙ୍କ ଦ୍ୱାରା ସଂଘର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ଉପସଭାପତି ଶାନ୍ତନୁ କୁମାର ରାଉତଙ୍କ ଦ୍ୱାରା ମଂଚ ଆମନ୍ତ୍ରଣ କରାଯାଇଥିଲା । ସଂଘର ସଭାପତି ଦିଗମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଡେପୁଟି କଲେକ୍ଟର ଶ୍ୱେତାଶ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବରେ, ସମ୍ମାନିତ ଅତିଥିଭାବେ ଡଃ ବ୍ରଜମୋହନ ମିଶ୍ର ଓ ଡାକ୍ତର ରବୀନ୍ଦ୍ର କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ବାବାଜୀ ଚରଣ ପଣ୍ଡା, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି ମଂଚାସୀନ ଥିଲେ । ସମସ୍ତ ଅତିଥିଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ରଜତ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବେଦପାଠ କରିଥିଲେ ପଣ୍ଡିତ ଘନଶ୍ୟାମ ଲେଙ୍କା ଓ ଗାନ୍ଧି ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରାରମ୍ଭିକ ସଂଗୀତ ଭାବେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଅଜିତ କୁମାର ନାୟକ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସଭାପତି ଦିଗମ୍ବର ମହାନ୍ତି, ସଂଘର ରଜତ ଜୟନ୍ତୀ ସ୍ମରଣିକା 'ଉତରଣ' ମୁଖ୍ୟ ଅତିଥି ଓ ଅତିଥି ବୃନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଲୋକାର୍ପଣ କରାଯାଇଥିଲା । ସ୍ମରଣିକାର ସଂପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଡଃ ଗୋଲକ ବିହାରୀ ସାହୁ, ଅତିଥି ବୃନ୍ଦଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ ସଂଧାରଣ ସଂପାଦକ ପ୍ରଭାକର ମଲ୍ଲିକ । ମୁଖ୍ୟ ଅତିଥି ଶ୍ୱେତାଶ୍ରୀ ମହାପାତ୍ର ତାଙ୍କର ବକ୍ତବ୍ୟ ମାଧ୍ୟମରେ ବୟସ୍କଙ୍କର ସମାଜ ପ୍ରତି ପ୍ରତିବଦ୍ଧତା, ସେମାନଙ୍କର ସେବା, ତ୍ୟାଗ ଓ ଦିଗ୍‌ଦର୍ଶନ ସଂପର୍କୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଡଃ ବ୍ରଜମୋହନ ମିଶ୍ର ତାଙ୍କର ବକ୍ତବ୍ୟ ମାଧ୍ୟମରେ ସମାଜର ଅବସ୍ଥା, ସେଥିପ୍ରତି ବୟସ୍କଙ୍କର ଭୂମିକା ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଡାକ୍ତର ରବୀନ୍ଦ୍ର କୁମାର ନାୟକ ତାଙ୍କ ବକ୍ତବ୍ୟରେ ବୃଦ୍ଧାବସ୍ଥାର ରୋଗ, ତାହାର ଯତ୍ନ ସେଥିପ୍ରତି ସଚେତନ ଓ ସତର୍କ ସଂପର୍କୀୟ ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀରେ ପ୍ରୟୋଗ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟରେ ବୟସ୍କଙ୍କ ଆଧ୍ୟାତ୍ମିକ କାର୍ଯ୍ୟ, ସମାଜସେବାରେ ବରିଷ୍ଠମାନେ ନିଜର ଅଙ୍ଗୀକାରବଦ୍ଧତା ସଂପର୍କରେ ବିଭିନ୍ନ ଉଦାହରଣ ଓ ଗଳ୍ପ ମାଧ୍ୟମରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି ସଂଘୀୟ ଏକତା, ସଂଘର କାର୍ଯ୍ୟକ୍ରମରେ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ କାମନା କରିଥିଲେ । ସଂଘର ଅଶୀବର୍ଷୀୟ ସଦସ୍ୟ ପ୍ରଫେସର ଡଃ ରାଧା ବିନୋଦ ନାୟକ, ରବୀନ୍ଦ୍ର କୁମାର ମହାନ୍ତି, ସର୍ବେଶ୍ୱର ପଟ୍ଟନାୟକ, ଶଶୀ ଭୂଷଣ ଜେନା, ପ୍ୟାରୀମୋହନ ବେହେରା, ପ୍ରଭାକର ମଲ୍ଲିକ ଓ ସଦସ୍ୟା ଶୋଭନିକା ମହାନ୍ତି, ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ବେହେରା, ଜିଲ୍ଲାସ୍କୁଲ ଭଦ୍ରକର ଶିକ୍ଷୟିତ୍ରୀ ଲିପ୍‌ସିତା ବିଶ୍ୱାଳଙ୍କୁ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଲକ୍ଷ୍ମଣ କୁମାର ମହାନ୍ତି, ହରମୋହନ କୁଅଁର, ମୁକ୍ତିକାନ୍ତ ମହାପାତ୍ର, ରାମଚନ୍ଦ୍ର କର, ରମାକାନ୍ତ ନାୟକ, ଯୁଧିଷ୍ଠିର ବାରିକ, ବାଦଲ କିଶୋର ମହାପାତ୍ର । ସଂଘର ସଦସ୍ୟ ସଦସ୍ୟାଙ୍କ ପକ୍ଷରୁ ପ୍ରଦ□ ସ୍ଥାୟୀ ଜମାରାଶିର ବାର୍ଷିକ ସୁଧରୁ ସେମାନଙ୍କର ଇଚ୍ଛା ଓ ସର୍ତାନୁସାରେ ବିଭିନ୍ନ ବିଦ୍ୟାଳୟର ୨୦ ଜଣ ଛାତ୍ର ଛାତ୍ରୀଙ୍କୁ ସେମାନଙ୍କର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷା ଓ ବିଦ୍ୟାଳୟ ସ୍ତରୀୟ ପରୀକ୍ଷା ୨୦୨୫ ମସିହାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି, ପ୍ରମାଣ ପତ୍ର ଓ ପୁଷ୍ପଗୁଚ୍ଛ ମାଧ୍ୟମରେ ଅତିଥିଙ୍କ ଦ୍ୱାରା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଦରିଦ୍ର ନାରାୟଣ ସେବାକାର୍ଯ୍ୟ ପରିଚାଳନା କରିଥିଲେ ତାରକ ଦାସ ଆଡ୍ୟ କାର୍ଯ୍ୟକ୍ରମର ସୁପରିଚାଳନାରେ ଇଂ ଅଭିମନ୍ୟୁ ବାରିକ, ଅରୁଣ ମିତ୍ର, ଦୈତ୍ୟାରି ଦାସ, କାଶୀନାଥ ସାହୁ, ଡଃ ଭାଗବତ ତ୍ରିପାଠୀ, ଡଃ ମନୀନ୍ଦ୍ର ମହାନ୍ତି, କ୍ଷୀରୋଦ ଚନ୍ଦ୍ର ମିଶ୍ର, ସଂଗ୍ରାମ ସାହୁ, ଡଃ କ୍ଷୀରୋଦ କୁମାର ସାମଲ, କମଳାକାନ୍ତ ସ୍ୱାଇଁ, ପ୍ରଶାନ୍ତ କୁମାର ଦେ, ଇଂ କମଳାକାନ୍ତ ବେହେରା, ସ୍ନେହଲତା ବେହେରା, ଗୀତାରାଣୀ ଆଇଚ, ସଂଗୀତା ଦେ, ଗୀତାରାଣୀ ମହାନ୍ତି, କାଶୀନାଥ ପଣ୍ଡା, ଦୁଃଶାସନ ମହାନ୍ତି, ଚନ୍ଦ୍ର ମୋହନ ମହାନ୍ତି, ବିଦ୍ୟାଧର ଦାସ, ସୋମନାଥ ନାୟକ, ଆଦିତ୍ୟ କୁମାର ଗୋସ୍ୱାମୀ, ରମେଶ ଚନ୍ଦ୍ର ଦାସ, ବିଶ୍ୱନାଥ ନାୟକ, ନୃସିଂହ ଚରଣ ପଣ୍ଡା, ଗୟାଧର ପଣ୍ଡା, ଡାକ୍ତର ନିର୍ମଳ ଚନ୍ଦ୍ର ପଣ୍ଡା, ବସନ୍ତ କୁମାର ସାହାଣୀ, ଉପେନ୍ଦ୍ର ନାଥ ରାଉତ, ମମ୍‌ତାଜ ଖାଁ, ସତ୍ୟଭାମା ପାଢ଼ୀ, ପଙ୍କଜିନୀ ମହାପାତ୍ର, ଗୀତା କୁମାର ପରିଡ଼ା, ହରେକୃଷ୍ଣ ସାହୁ, ଗୋପାଳ ଚରଣ ସେଠୀ, ବୀରନାରାୟଣ ଦାସ, ବିନୟ କୁମାର ପଣ୍ଡା, ଡଃ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ବିଜୟ କୁମାର ନାୟକ, ଇଂ ଭାଗବତ ବିଶ୍ୱାଳ, ବିଜୟ ଭୂଷଣ ଦୀକ୍ଷିତ, ଇଂ ଉମାକାନ୍ତ ପାତ୍ର, ସେବତୀଲତା ନାୟକ, ଆଶିଷ କୁମାର ଦେବ ଗୋସ୍ୱାମୀ ଓ ପ୍ରମୁଖ ବହୁ ସଂଖ୍ୟକ ସଦସ୍ୟ ସଦସ୍ୟା ଓ ଧାମନଗର ଜୋନରୁ ରାମଚନ୍ଦ୍ର ସାହୁ, ଆଗରପଡ଼ା ଜୋନରୁ ସନ୍ତୋଷ କୁମାର ମହାନ୍ତି ଉପସ୍ଥିତ ଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ କରୁଣାକର ଉପାଧ୍ୟାୟ ।




# ପାଣିନୀଙ୍କ ଠାରୁ ଏଆଇ ଷ୍ଟାକ୍ ପର୍ଯ୍ୟନ୍ତ: ଦିଲ୍ଲୀର ଏଆଇ ମଂଚରେ ଜାତୀୟ କ୍ଷମତାର ନୂତନ ପରିଭାଷା

ପ୍ରାଚୀନ ଭାରତର ମହାନ ବ୍ୟାକରଣବିଦ୍ ପାଣିନୀ ଯେତେବେଳେ କଥିତ ଭାଷାର ଅବ୍ୟବସ୍ଥାକୁ ଏକ ସଂକ୍ଷିପ୍ତ, ସଂରଚିତ ଏବଂ ଗଣନାସଂଗତ ବ୍ୟାକରଣରେ ପରିଣତ କରିଥିଲେ, ସେ ଏକ ଶାଶ୍ୱତ ସତ୍ୟକୁ ପ୍ରମାଣିତ କରିଥିଲେ, ବୁଦ୍ଧିମତା ସବୁଠାରୁ ପ୍ରଭାବଶାଳୀ ହୁଏ ଯେତେବେଳେ ତାହାକୁ ସଂରଚନାତ୍ମକ ଭାବରେ ପ୍ରକାଶ କରାଯାଏ । ଜ୍ଞାନକୁ ବ୍ୟବସ୍ଥିତ କରିବାର ଏହି ପ୍ରବୃତି ପରବର୍ତୀ କାଳରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆନୁଷ୍ଠାନିକ ରୂପ ନେଇଥିଲା, ଯେଉଁଠାରେ ଜ୍ଞାନକୁ ସୀମାତୀତ କରି ବିତର୍କ, ସଂରକ୍ଷଣ ଏବଂ ପ୍ରସାରଣ ପାଇଁ ଏକ ସୁଦୃଢ଼ ଢାଂଚା ଗଠିତ ହୋଇଥିଲା । ଭାରତ କୃତ୍ରିମ ପ୍ରଜ୍ଞା (ଏ.ଆଇ.) ପ୍ରଭାବ ସମ୍ମିଳନୀ ୨୦୨୬ ଆୟୋଜନ କରିବାର ସିଦ୍ଧାନ୍ତ ସମାନ ଧରଣର ସଭ୍ୟତାଗତ ଚିନ୍ତାଧାରାରୁ ହିଁ ଆସିଥିଲା । କାରଣ ପ୍ରଯୁକ୍ତି ବିଦ୍ୟାରେ ପରବର୍ତୀ ଯେଉଁ ବିରାଟ ପ୍ରଗତି ଘଟିବାକୁ ଯାଉଛି ତାହା ଏହିଭଳି ବ୍ୟବସ୍ଥା ବିଷୟରେ ଯାହା ଶିକ୍ଷାଲାଭ କରାଯାଇ ପାରିବ, ଯୁକ୍ତି କରାଯାଇ ପାରିବ ଏବଂ ମାତ୍ରାରେ କାର୍ଯ୍ୟ କରିପାରିବ ଏବଂ ବିଶ୍ୱ ଏପରି ଭବିଷ୍ୟତ ନିମନ୍ତେ ଯୋଗ୍ୟ କି ନୁହେଁ, ଯେଉଁଥିରେ କେବଳ କିଛି ରାଷ୍ଟ୍ରର ପ୍ରାଣକେନ୍ଦ୍ର (ରାଜଧାନୀ) କେବଳ ନିଷ୍ପତି ନେବେ ଯେ ସେହି ବ୍ୟବସ୍ଥାଗୁଡ଼ିକ କିପରି ଗଠିତ ହେବ । ଗତ ସପ୍ତାହରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ଏହି ଶିଖର ସମ୍ମିଳନୀ ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ରମାନଙ୍କ ଦ୍ୱାରା ଆୟୋଜିତ ପ୍ରଥମ ବୈଶ୍ୱିକ ସମ୍ମିଳନୀ ଥିଲା । ଏହାର ପୂର୍ବବର୍ତୀ ସଂସ୍କରଣରେ ଏହି ମାତ୍ରାର ଅଂଶଗ୍ରହଣ କଦାପି ଆକର୍ଷିତ ହୋଇ ପାରିନଥିଲା । ଚଳିତ ଶିଖର ସମ୍ମିଳନୀରେ ପୃଥିବୀର ୧୦୦ଟି ରାଷ୍ଟ୍ରରୁ ୨୦ ଜଣ ରାଷ୍ଟ୍ରମୁଖ୍ୟ, ୬୦ଟି ରାଷ୍ଟ୍ରର ମନ୍ତ୍ରୀ, ୫୦୦ରୁ ଅଧିକ ଏ.ଆଇ. ନେତା ଏବଂ ପାଭିଲିଅନରେ ଦଶଗୋଟି ବିଷୟ ଉପରେ ୩୦୦ ପ୍ରଦର୍ଶନକାରୀ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତ ନିଜର ଏଭଳି ବ୍ୟାପକ ମାତ୍ରାର କାର୍ଯ୍ୟକ୍ରମ ଆୟୋଜନ ଚିନ୍ତାଧାରାକୁ ସାକାର କରି ଆଗକୁ ଆଗେଇ ଚାଲିଛି । ଏଥିରେ ତଥ୍ୟ ସମ୍ପର୍କୀତ ସାର୍ବଭୌମତ୍ୱ, ଡିଜାଇନ ଦ୍ୱାରା ଅନ୍ତର୍ଭୁକ୍ତିକରଣ, ପୂର୍ବ ନିର୍ଦ୍ଧାରିତ ଭାବରେ ଉତର ଦାୟିତ୍ୱକୁ ସୁନିଶ୍ଚିତ କରିବାର ପ୍ରାବଧାନ ରହିଛି । ଏହିସବୁ ସର୍ତ ଅନୁସାରେ ବିଭିନ୍ନ ବୈଶ୍ୱିକ ନେତୃବର୍ଗଙ୍କୁ ଭାରତରେ ସେମାନଙ୍କର ଉତ୍ପାଦ ନିର୍ମାଣ ନିମନ୍ତେ ଆମନ୍ତ୍ରଣ କରାଯାଉଛି । ଏଭଳି ଚିନ୍ତାଧାରା ପ୍ରଧାନମନ୍ତ୍ରୀଙ୍କ ଏ ମ . ଏ . ଏ ନ . ଏ . ଭି ପରିକଳ୍ପନାରେ ତୀବ୍ର ଭାବରେ ପ୍ରତିଫଳିତ ହୋଇଛି: ଏହା ପଛରେ ରହିଛି ନୈତିକ ସୁରକ୍ଷା ବ୍ୟବସ୍ଥା, ଦାୟିତ୍ୱପୂର୍ଣ୍ଣ ଶାସନ ତଥା ଉତରଦାୟିତ୍ୱ, ତଥ୍ୟ ଉପରେ ସାର୍ବଭୌମତ୍ୱ ଅଧିକାର ଯାହା ଦ୍ୱାର କୃତ୍ରିମ ବୁଦ୍ଧିମତାର କଂଚାମାଲକୁ ଯେପରି ପୂର୍ବରୁ ଅନ୍ୟାନ୍ୟ ସାମଗ୍ରୀ କ୍ଷେତ୍ରରେ ଆହରଣ କରାଯାଉଥିବା, ସେପରି ଆହରଣ କରାଯାଇ ନପାରିବ । ବ୍ୟାପକ ଉପଲବ୍ଧତା ଫଳରେ ଯେପରି ଏହାର ସୁଫଳ ମଧ୍ୟପ୍ରଦେଶର କୃଷକମାନଙ୍କ ନିକଟରେ ପହଂଚି ପାରିବ ଯାହାକି ବେଙ୍ଗାଲୁରୁର ଜଣେ ଇଞ୍ଜିନିୟରଙ୍କ ପାଖରେ ପହଂଚି ପାରୁଛି ଏବଂ ଏହାର ଆଇନଗତ ବୈଧତା ମଧ ରହିବ ଯାହା ଫଳରେ ପ୍ରତ୍ୟେକ ନିୟୋଜିତ ବ୍ୟବସ୍ଥା ଗଣତାନ୍ତ୍ରିକ ଯାଂଚ ନିମନ୍ତେ ଉତରଦାୟୀ ରହିପାରିବ । କୃତ୍ରିମ ପ୍ରଜ୍ଞା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରାଟି ହେଲା ଏହା ମଣିଷ ହାତରେ କମାଣ୍ଡ ରଖିବା ସହିତ କୃତ୍ରିମ ପ୍ରଜ୍ଞାକୁ ଏକ ମୁକ୍ତ ଆକାଶ ଯୋଗାଇ ଦିଆଯିବ । ଏହାରି ଉପରେ ତାଙ୍କର ଢାଂଚା ରେଖାଙ୍କିତ କରେ ଯାହାକି ବିଶ୍ୱର ଅନେକ ଧନୀକ ରାଷ୍ଟ୍ର ଗ୍ରହଣ କରିବାକୁ ନାରାଜ । ସେହି ନୀତିଗୁଡ଼ିକ ସମ୍ପ୍ରତି ଦିଲ୍ଲୀ ଘୋଷଣାନାମା ଜରିଆରେ ବହୁପକ୍ଷୀୟ ମହତ୍ୱ ବହନ କରୁଛି । ଏ.ଆଇ. ପ୍ରଭାବ ସମ୍ମିଳନୀରେ ଗୃହୀତ ଏବଂ ଏହା ପୂର୍ବରୁ ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧର ପ୍ରଥମ ପ୍ରମୁଖ କୃତ୍ରିମ ପ୍ରଜ୍ଞା ନିୟନ୍ତ୍ରିତ ବ୍ଲୁ ପ୍ରିଂଟ କୁହାଯାଉଥିବା, ଏକ ବିକାଶମୁଖୀ ଦୃଷ୍ଟିକୋଣ ଆହରଣ କରି, ଏକ ପ୍ରଯୁକ୍ତିଭିତିକ ତଥା ଆଇନସିଦ୍ଧ ପଦ୍ଧତି ଜରିଆରେ ଅନୁବନ୍ଧିତ କଠୋର ଅନୁପାଳନ ଉପରେ ନମନୀୟ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ ଭାବରେ ସମର୍ଥନ ଯୋଗାଏ । ଏହି ତିନିଗୋଟି ପ୍ରମୁଖ ସ୍ତମ୍ଭ ଚତୁଃପାର୍ଶ୍ୱରେ ବିଶ୍ୱସ୍ତରୀୟ ସହଯୋଗକୁ ମଧ ସଂଗଠିତ କରେ । ତାହା ହେଲା: ମାନବ ସମାଜ, ପୃଥିବୀ ଏବଂ ପ୍ରଗତି । ୨୨ଗୋଟି ଭାରତୀୟ ଭାଷାକୁ ସମର୍ଥନ କରୁଥିବା ଭାରତଜେନ୍ ଭଳି ଜନସଂଖ୍ୟା ପର୍ଯ୍ୟାୟର ସମାଧାନ, ବିଶ୍ୱର ଅଧିକତର ରାଷ୍ଟ୍ର ଇଂରାଜୀ ଭାଷା ମାଧମରେ କାର୍ଯ୍ୟ କରାନ୍ତି ନାହିଁ ବୋଲି ରହିଥିବା ବାସ୍ତବତାର ସମସ୍ୟାକୁ ସମାଧାନ କରେ । ଭାରତର ନିଜସ୍ୱ ସବସିଡ଼ଯୁକ୍ତ ଜି.ପି.ୟୁ. ବର୍ତମାନ ଘଂଟାକୁ ୬୫ ଟଙ୍କା ମୂଲ୍ୟର ପ୍ରବେଶ ଉପରେ ପ୍ରତିବନ୍ଧିତ ଏକ ପ୍ରସ୍ତାବିତ ବିଶ୍ୱ କମ୍ପ୍ୟୁଟ ବ୍ୟାଙ୍କ୍ । ଏହା ସର୍ବତ୍ର ଉପଲବ୍ଧ ପ୍ରତିବନ୍ଧକକୁ ହ୍ରାସ କରେ । ଏହା ବ୍ୟତୀତ ଡାଟାର ସାର୍ବଭୌମତ୍ୱ ଉପରେ ଘୋଷଣାନାମାର ଗୁରୁତ୍ୱକୁ ସିଧାସଳଖ କୃତ୍ରିମ ପ୍ରଜ୍ଞା ଅତିରିକ୍ତ ସକ୍ରିୟତାକୁ ମଧ ଚାଲେଞ୍ଜ କରେ । ଏହି ଧାରା ଅନୁସାରେ ବିକାଶଶୀଳ ରାଷ୍ଟ୍ରମାନଙ୍କର ତଥ୍ୟ ସଂଗୃହୀତ ହୋଇଥାଏ ଏବଂ ମଡେଲଗୁଡ଼ିକୁ ତାଲିମ ପ୍ରଦାନ କରିବା ସକାଶେ ସେମାନଙ୍କୁ ବ୍ୟବହାର କରିବା ଲାଗି ଦେୟ ଦେବାକୁ ପଡ଼େ । ଏହି ଢାଂଚାକୁ ଯାହା ଯାହା ବିଶ୍ୱସନୀୟତା ପ୍ରଦାନ କରେ ତାହା ହେଲା ଦୀର୍ଘ ଦଶନ୍ଧି ଧରି ଏହାକୁ ରୂପାୟନ କରାଯାଇ ସେଥିରୁ ଉପଲବ୍ଧ ଅନୁଭୂତି । କାରଣ ସରକାର ଏକ ଶ୍ୱେତପତ୍ର ଜରିଆରେ କୃତ୍ରିମ ପ୍ରଜ୍ଞା ପର୍ଯ୍ୟନ୍ତ ପହଂଚି ନାହାନ୍ତି ବରଂ ସବୁଠାରୁ ମହତ୍ୱାକାଂକ୍ଷୀ ଏକ ଡିଜିଟାଲ ଜନ ସଂସାଧନ କାର୍ଯ୍ୟକ୍ରମ ମାଧମରେ ତାହା ହାସଲ କରାଯାଇଛି ଯାହାକି ବିଶ୍ୱର ଯେକୌଣସି ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରାୟତଃ ଆପଣାଇ ଥାଆନ୍ତି । ୟୁ.ପି.ଆଇ. ବ୍ୟବସ୍ଥା କେବଳ ୨୦୨୫ ମସିହାରେ ୨୨୮ ବିଲିୟନ ଟଙ୍କାର କାରବାର କରିଛି ଯାହାକି ଆମେରିକୀୟ ଡଲାର ହିସାବରେ ୩-୪ ଟ୍ରିଲିୟନ ଡଲାର । ଏହା ବିଶ୍ୱର ରିଅଲ ଟାଇମ ଡିଜିଟାଲ ପେମେଂଟ ମାତ୍ରାର ପ୍ରାୟ ଅର୍ଦ୍ଧେକ ଏବଂ ତାହା ସାରା ବିଶ୍ୱର ଭିସା ପ୍ରକ୍ରିୟା ଠାରୁ ମଧ ଅଧିକ । "ଜାମ" ତ୍ରୟୀ ୨୦୧୫ ମସିହା ଠାରୁ ଏବେ ସୁଦ୍ଧା ୩.୪୮ ଲକ୍ଷ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି । କୌଣସି ଗୋଟିଏ ନୀତି ପ୍ରବନ୍ଧନ ଜରିଆରେ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ପରିଚୟ, ପେମେଂଟ ଏବଂ ପ୍ରାପ୍ୟ ଯୋଗ୍ୟ ଡେଲିଭରୀକୁ ଏତେ ମାତ୍ରାରେ ସାକାର କରିନାହିଁ ଏବଂ ଏହା ହିଁ ହେଉଛି ମୂଳଦୁଆ ଯାହା ଉପରେ ଭାରତର କୃତ୍ରିମ ପ୍ରଜ୍ଞାର ସ୍ୱରୂପ ଦଣ୍ଡାୟମାନ । ଯଦି ଡିଜିଟାଲ ସାର୍ବଜନୀନ ସଂସାଧନର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କୁ ରାଷ୍ଟ୍ର ସହିତ ଯୋଡ଼ିବା, ତେବେ କୃତ୍ରିମ ପ୍ରଜ୍ଞା ସଂସାଧନର ଆଭିମୁଖ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କୁ ପ୍ରଯୁକ୍ତିର ଦକ୍ଷତା ସହି ସଂଯୋଗ କରିବା ଏବଂ ଏଠାରେ ସଂଖ୍ୟା ଏକ ଉଲ୍ଲେଖନୀୟ ବୈଷମ୍ୟ ପ୍ରଦର୍ଶନ କରେ । ଭାରତ ବିଶ୍ୱର ୨୦ ପ୍ରତିଶତ ଡାଟା ସୃଜନ କରୁଥିବାବେଳେ ଏହା ହାରାହାରି ୩ ପ୍ରତିଶତ ବୈଶ୍ୱିକ ଡାଟା ସେଂଟରର ଦକ୍ଷତାକୁ ଉପଯୋଗ କରେ । ଏହି ବୈଷମ୍ୟ ବର୍ତମାନ ୟୁ.ପି.ଆଇ. ବ୍ୟବସ୍ଥା ଗଠନ ହୋଇଥିବା ଉଦ୍ଦେଶ୍ୟ ଭଳି ଏପରି ବୈଷମ୍ୟକୁ ଦୂର କରିଚାଲିଛି- ଦ୍ରୁତତର ଭାବରେ, ଅଧିକ ମାତ୍ରାରେ ଏବଂ ଏକ ସାର୍ବଭୌମ ଡିଜାଇନ ଜରିଆରେ । ଭାରତ ମଣ୍ଡପମଠାରେ ଆୟୋଜିତ ଗୋଟିଏ ସପ୍ତାହର ଏହି ସମ୍ମିଳନୀ ଅବସରରେ କ'ଣ ସବୁ ଘୋଷଣା କରାଯାଇଥିଲା ତାହା ଉପରେ ବିଚାର କରିବା ଏକାନ୍ତ ଜରୁରୀ । ମାଇକ୍ରୋସଫ୍ଟ ୨୦୩୦ ମସିହା ସୁଦ୍ଧା ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧ ନିମନ୍ତେ ୫୦ ବିଲିୟନ ଡଲାର, ଭାରତ ପାଇଁ ୧୭.୫ ନିଲିୟନ ଡଲାର ପୂର୍ବରୁ ସୁନିଶ୍ଚିତ କରିଛି । ଗୁଗଲ: ଆମେରିକା- ଭାରତ ସଂଯୋଗୀକରଣ ଉପକ୍ରମ, ଯାହାକି ଆଗାମୀ ପାଂଚ ବର୍ଷ ମଧରେ ୧୫ ବିଲିୟନ ଡଲାର ସୃଜନ କରିବାକୁ ସଂକଳ୍ପବଦ୍ଧ । ଆମାଜନ ୱେବ ସର୍ଭିସେସ: ମହାରାଷ୍ଟ୍ରରେ ୮.୪ ବିଲିୟନ ଡଲାର ନିବେଶ କରିବ । ଆଦାନୀ ଗୋଷ୍ଠୀ ୨୦୩୫ ମସିହା ସୁଦ୍ଧା ଅକ୍ଷୟ ଶକ୍ତି ଚାଳିତ କୃତ୍ରିମ ପ୍ରଜ୍ଞା ଡାଟା କେନ୍ଦ୍ର ପାଇଁ ୧୦୦ ବିଲିୟନ ଡଲାର ନିବେଶ କରିବ । ୟୋଟା ଡାଟା ସର୍ଭିସେସ: ଏନଭିଡିଆ ବ୍ଲାକୱେଲ ଅଲ୍ଟ୍ରା ଚିପ୍ସ ବ୍ୟବହାର କରି ଏସିଆର ସର୍ବବୃହତ୍ କୃତ୍ରିମ ପ୍ରଜ୍ଞା କମ୍ପ୍ୟୁଟିଂ ହବ ମଧ୍ୟରୁ ଗୋଟିଏ ହେବା ନିମନ୍ତେ ୨ ବିଲିୟନର ଡଲାରରୁ ଅଧିକ ପୁଞ୍ଜି ନିବେଶ କରିବ । ଲାର୍ସନ ଏଣ୍ଡ ଟୁବ୍ରୋ: ଏନଭିଡିଆ ସହିତ ଭାରତର ସର୍ବବୃହତ ଗିଗାୱାଟ ସ୍କେଲ କୃତ୍ରିମ ପ୍ରଜ୍ଞା କାରଖାନା ନିର୍ମାଣ ନିମନ୍ତେ ଏକ ପ୍ରସ୍ତାବିତ ଉପକ୍ରମ । ଇଣ୍ଡିଆ ଏ.ଆଇ ମିଶନର ଜାତୀୟ କମ୍ପ୍ୟୁଟ କ୍ଲଷ୍ଟର ୩୮,୦୦୦ ଜି.ପି.ୟୁ. ଅତିକ୍ରମ କରିଛି ଏବଂ ୫୮,୦୦୦କୁ ଛୁଇଁବା ଦିଗରେ ଆଗକୁ ଅଗ୍ରସର ହେଉଛି, ଯାହା ବିଶ୍ୱ ମୂଲ୍ୟର ପ୍ରାୟ ଏକ ତୃତୀୟାଂଶରେ ଷ୍ଟାର୍ଟ ଅପ୍ ନିମନ୍ତେ ବର୍ତମାନ ଉପଲବ୍ଧ । ଆଗାମୀ ଦୁଇ ବର୍ଷ ମଧରେ ଦେଶରେ ୨୦୦ ବିଲିୟନ ଡଲାର ମୂଲ୍ୟର କୃତ୍ରିମ ପ୍ରଜ୍ଞା ଭିତିଭୂମି ପ୍ରତିଷ୍ଠା ନିମନ୍ତେ ସରକାର ଲକ୍ଷ୍ୟ ରଖିଛନ୍ତି ଯାହାକି କେବଳ ସରକାରଙ୍କର ଆକାଂକ୍ଷା ନୁହେଁ, ବରଂ ପୂର୍ବରୁ ସରକାର କରିଥିବା ଘୋଷଣା ଏବଂ ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବାରେ ଏହା ସହାୟକ ହେବ । ଏହି ନିବେଶକୁ ଦୀର୍ଘକାଳୀନ ଢାଂଚାଗତ ଲାଭରେ ପରିଣତ କରିବାକୁ ସୁନିଶ୍ଚିତ କରିବା ହେଉଛି ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ରୀୟ ବଜେଟର ଉଦ୍ଦେଶ୍ୟ, ଯାହା ବିଶ୍ୱସ୍ତରୀୟ କ୍ଲାଉଡ଼ ସେବା ନିମନ୍ତେ ଭାରତୀୟ ଡାଟା ସେଂଟରଗୁଡ଼ିକ ବ୍ୟବହାର କରୁଥିବା ବିଦେଶୀ କମ୍ପାନୀମାନଙ୍କ ପାଇଁ ୨୦୪୭ ମସିହା ପର୍ଯ୍ୟନ୍ତ ଟିକସ ଛାଡ଼କୁ ବୃଦ୍ଧି କରେ ଏବଂ କୃତ୍ରିମ ପ୍ରଜ୍ଞା ଏବଂ ଉନ୍ନତ ଉତ୍ପାଦନ ଷ୍ଟାର୍ଟ ଅପ୍ ନିମନ୍ତେ ଏକ ଭେଂଚର କ୍ୟାପିଟାଲ ପାଣ୍ଠିକୁ ୧.୧ ବିଲିୟନ ଆମେରିକୀୟ ଡଲାର ନିବେଶର ପ୍ରତିଶ୍ରୁତି ପ୍ରଦାନ କରେ । ସେହିଭଳି ୩୪,୦୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଜାତୀୟ କ୍ରିଟିକାଲ ମିନେରାଲ ମିଶନ ଲିଥିୟମ, କୋବାଲ୍ଟ ଏବଂ ବିରଳ ମୃତିକାକୁ ସୁରକ୍ଷିତ କରେ ଯାହା ଉପରେ କୃତ୍ରିମ ପ୍ରଜ୍ଞା ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ । ତଥାପି କୁହାଯାଇପାରେ ଯେ ଲୋକ ମାନଙ୍କ ନିକଟରେ ଯଦି ଏସବୁ ସାଧନ ନପହଂଚେ ତେବେ ଏହାର କୌଣସି ମୂଲ୍ୟ ନାହିଁ । ଏ. ଆଇ. ସମ୍ମିଳନୀର ପ୍ରଥମ ଦିନରେ ହିଁ ୨.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଦାୟିତ୍ୱସମ୍ପନ୍ନ ଭାବରେ ନବାଚାର ନିମନ୍ତେ କୃତ୍ରିମ ପ୍ରଜ୍ଞାକୁ ଉପଯୋଗ କରିବା ସକାଶେ ସଂକଳ୍ପ ଗ୍ରହଣ କରିଥିଲେ, ଯାହା ଗିନିଜ ୱାର୍ଲ୍ଡ ରେକଡସର ସ୍ୱୀକୃତି ନିମନ୍ତେ ଦାଖଲ କରାଯାଇଛି । ତିରିଶଗୋଟି ଡାଟା ଏବଂ କୃତ୍ରିମ ପ୍ରଜ୍ଞା ଲାବ୍ ଦେଶର ଟିୟର-୨ ଏବଂ ଟିୟର-୩ ସହରରେ କାର୍ଯ୍ୟକ୍ଷମ କରିବା, ଯୋଜନାବଦ୍ଧ ଭାବରେ ଏକ ୫୭୦ ଲାବ୍ ନେଟୱାର୍କର ପ୍ରଥମ ଲହର ସୃଷ୍ଟି କରିବା ସହିତ ଏ.ଆଇ.କୋଷ ୭,୫୦୦ରୁ ଅଧିକ ଡାଟାବେସ୍ ଏବଂ ୨୭୩ ଗୋଟି ମଡେଲ ସେୟାର ସାର୍ବଜନୀନ ଭିତିଭୂମି ଭାବରେ ପ୍ରଦାନ କରେ । ବର୍ତମାନର ସରକାର କେନ୍ଦ୍ରରେ କାର୍ଯ୍ୟଭାର ଗ୍ରହଣ କରିବା ସମୟରେ ଭାରତରେ ୧୬ଗୋଟି ଆଇ.ଆଇ.ଟି.ଥିଲା, ଯାହାକି ଆଜି ୨୩ରେ ପହଂଚିଛି । ଓପନ ଏ.ଆଇ.ର ସି.ଇ.ଓ. ସୂଚନା ଦେଇଛନ୍ତି ଯେ ଭାରତ ଚାଟ୍ ଜି.ପି.ଟିର ଦ୍ୱିତୀୟ ସର୍ବବୃହତ୍ ବଜାରରେ ପରିଣତ ହୋଇସାରିଛି, ଯାହାର ସାପ୍ତାହିକ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟା ୧୦୦ ନିୟୁତ ଅଟେ । ଏଠାରେ ବ୍ୟବହାର ରହିଛି ଏବଂ ଉତ୍ପାଦନର କ୍ଷମତା ବୃଦ୍ଧି ପାଇ ଚାଲିଛି । ଶିଖର ସମ୍ମିଳନୀ ଅବସରରେ ତିନିଗୋଟି ସାର୍ବଭୌମ ଏ.ଆଇ. ମଡେଲ ଉନ୍ମୋଚିତ ହୋଇଛି, ଯେଉଁଥିରେ ସର୍ବମ୍ ଏ.ଆଇ.ର ୧୦୫ ବିଲିୟନ ପାରାମିଟରର ଏକ ବିରାଟ ଭାଷା ମଡ଼େଲ ତାଲିମପ୍ରାପ୍ତ ବ୍ୟବସ୍ଥା ଯାହା ସମ୍ପୂର୍ଣ୍ଣ ରୂପେ ଭାରତୀୟ କମ୍ପ୍ୟୁଟରେ ତାଲିମପ୍ରାପ୍ତ ଏବଂ ଭାରତଜେନର ପରମ୨, ଏକ ୧୭ ବିଲିୟନ ପାରାମିଟରଯୁକ୍ତ ବହୁଭାଷୀ ମଡେଲ ଏବଂ ଏହା ଦେଶର ସମସ୍ତ ୨୨ଗୋଟି ସମ୍ବିଧାନ ଅନୁସୂଚିତ ଭାଷାକୁ ସମର୍ଥନ କରେ । ଏଗୁଡ଼ିକ ବିଦେଶୀ ମଡେଲର ସୁନିଶ୍ଚିତ ଅନୁକୂଳନ ନୁହେଁ, ଏଗୁଡ଼ିକ ସାର୍ବଭୌମ ଭିତିଭୂମି ଉପରେ ସ୍ୱଳ୍ପ ନିବେଶରୁ ହିଁ ନିର୍ମିତ । ସମାନ୍ତରାଳ ଭାବରେ କହିବାକୁ ଗଲେ ବର୍ତମାନ ସହଭାଗୀତା କିପରି ସଂରଚିତ ହୋଇଛି, କାରଣ ଏଗୁଡ଼ିକ ଆଉ ବିଦେଶୀ ପ୍ରଯୁକ୍ତିବିଦ୍ୟାକୁ ଲାଇସେନ୍ସ ପ୍ରଦାନ କରିବା ପ୍ରସଙ୍ଗରେ ନୁହେଁ, ବରଂ ସାର୍ବଭୌମ କ୍ଷମତା ସହ ନିର୍ମାଣ କରିବା ପ୍ରସଙ୍ଗରେ । ଷ୍ଟାରଗେଟ୍ ପଦକ୍ଷେପ ଅଧୀନରେ ୧୦୦ ମେଗାୱାଟ ଏ.ଆଇ. ପ୍ରସ୍ତୁତ ଡାଟା ସେଂଟର କ୍ଷମତା ସହିତ ଆରମ୍ଭ କରି ଏବଂ ଏକ ଗିଗାୱାଟ ପର୍ଯ୍ୟନ୍ତ ସ୍କେଲିଂ କରିବା, ଏହା ସଂକେତ ପ୍ରଦାନ କରେ ଯେ ଭାରତୀୟ ଶିଳ୍ପ ଚାହିଦା ଦିଗରୁ ବିଶ୍ୱ ବୁଦ୍ଧିମତାର ଯୋଗାଣ ଦିଗକୁ ଗତି କରୁଛି । ଏହି ଶିଖର ସମ୍ମିଳନୀ ଅପସରରେ ଭାରତ ଆନୁଷ୍ଠାନିକ ଭାବରେ ପ୍ୟାକ୍ସ ସିଲିକା ଘୋଷଣାପତ୍ର ସ୍ୱାକ୍ଷର କରିବା ଦ୍ୱାରା ଏହା ଜାପାନ, ଦକ୍ଷିଣ କୋରିଆ, ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ସହିତ କୃତ୍ରିମ ପ୍ରଜ୍ଞା, ସେମିକଣ୍ଡକ୍ଟର ଏବଂ ଗୁରୁତ୍ୱପୂର୍ଣ୍ଣ ଖରିଜ ପଦାର୍ଥ ନିମନ୍ତେ ଯୋଗାଣ ଶୃଙ୍ଖଳ ସୁରକ୍ଷିତ କରୁଥିବା ଆମେରିକା ନେତୃତ୍ୱାଧୀନ


ହରଦୀପ ପୁରୀ

ମେଂଟରେ ସ୍ଥାନୀତ ହୋଇଛି । ଦ୍ୱିପାକ୍ଷିକ ଭାରତ- ଆମେରିକା କୃତ୍ରିମ ପ୍ରଜ୍ଞା ସୁଯୋଗ ସହଭାଗିତା, ଉଭୟ ରାଷ୍ଟ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଉପରେ ନବାଚାର ସମର୍ଥକ ଆଭିମୁଖ୍ୟ ପ୍ରତି ପ୍ରତିବଦ୍ଧ କରାଇଥାଏ, ଯଦ୍ୟପି ୨୦୨୬ ମସିହାରେ ଭାରତ- ଫ୍ରାନ୍ସ ନବାଚାର ବର୍ଷକୁ ମିଳିତ ଦକ୍ଷତା ଏବଂ ଆକଳନଯୋଗ୍ୟ ଫଳାଫଳ ଉପରେ ସଂଗଠିତ ଆଉ ଗୋଟିଏ ନୂଆ ଅଖ ସଂଯୋଗ କରିଥାଏ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଶ୍ୱ ଏ.ଆଇ. ଇମ୍ପାକ୍ଟ ସମ୍ମିଳନୀ ଶୃଙ୍ଖଳାର ଆୟୋଜନ କରିବାରେ ଭାରତ ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧର ପ୍ରଥମ ରାଷ୍ଟ୍ର ଭାବରେ କେବଳ ଏହାକୁ ଆଲୋଚନା ମଧରେ ସୀମିତ ରଖି ନଥିଲା ବରଂ ପ୍ରତିଯୋଗିତା ନିମନ୍ତେ ଆଗ୍ରହୀ ସର୍ତାବଳୀ ମଧ ନିର୍ଦ୍ଧାରଣ କରିଥିଲା । ତାହା ଦିଲ୍ଲୀ ଘୋଷଣାନାମା ନାମରେ ପରିଚିତ ଯାହା କୃତ୍ରିମ ପ୍ରଜ୍ଞାର ପ୍ରଶାସନର ନିୟମାବଳୀଗୁଡିକୁ ପୁନଃର୍ଲେଖନ କରିଛି । ଶହ ଶହ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି, ସ୍କ୍ରାଚରୁ ନିର୍ମିତ ସାର୍ବଭୌମ ମଡେଲ ଏବଂ ଏ.ଆଇ. ଯୁଗର ଯୋଗାଣ ଶୃଙ୍ଖଳ ସହିତ ଏକ ମଜଭୁତ ସୁରକ୍ଷା ସୌଧରେ ପ୍ରବେଶ କରିଛି । ପାଣିନୀଙ୍କ ବିଦ୍ୟା କଦାପି ଜଟିଳ ନଥିଲା । ଗଢ଼ଣ ହିଁ ବୁଦ୍ଧିମତା । ଭାରତ ବର୍ତମାନ ସେହିଭଳି ଗଢ଼ଣ ନିର୍ମାଣ ଦିଗରେ ଆଗକୁ ଅଗ୍ରସର ହେଉଛି ।

***(ଲେଖକ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ)***

# ୧୨ଘଂଟିଆ ବଜାର ବନ୍ଦ ସମ୍ପୂର୍ଣ୍ଣ ସଫଳ

ନୟାଗଡ଼(ନିପ୍ର): ଦୀର୍ଘଦିନରୁ ଚାଲିଥିବା ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ଦାବି ଏବଂ ଓଡିଶା ବଜେଟ ୨୦୨୬-୨୭ରେ ନୟାଗଡରେ ହୋମିଓପ୍ୟାଥିକ ମେଡିକାଲ କଲେଜ ପ୍ରତିଷ୍ଠା ହେବା ନେଇ ଘୋଷଣା ସମ୍ବନ୍ଧେ ନୟାଗଡ଼ ଫାଉଣ୍ଡେସନ ତଥା ନୟାଗଡ଼ ସଚେତନ ନାଗରିକଙ୍କ ପକ୍ଷରୁ ନୟାଗଡ଼ ରେ ୧୨ ଘଂଟିଆ ବଜାର ବନ୍ଦଡାକରା ଦିଆ ଯାଇଥିଲା, ସୂଚନା ଅନୁଯାୟୀ ସରକାରଙ୍କ ପକ୍ଷରୁ ହୋମିଓପ୍ୟାଥିକ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା କରାଯାଇଅଛି ! ଭଲ କଥା, କିନ୍ତୁ ନୟାଗଡ଼ ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଗତକାଲି ବି ଥିଲା, ଆଜି ବି ଅଛି ଓ ଆଗାମୀ ଦିନରେ ବି ରହିବ ତେଣୁ ଏହି ନୟାଗଡ଼ିଆଙ୍କ ହକ ତଥା ଦାବିକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ସକାଳ ୬ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ୧୨ ଘଂଟିଆ ନୟାଗଡ଼ ବଜାର ବନ୍ଦ ଡାକରା ଦିଆଯାଇଥିଲା, ଏବଂ ନୟାଗଡ଼ର ସମସ୍ତ ବ୍ୟବସାୟୀ ମାନେ ସ୍ୱତଃ ସବୁ ଦୋକାନ ବନ୍ଦ କରି ନୟାଗଡ଼ ସାଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ସମର୍ଥନ ଜଣାଇଥିଲେ । ଅପରାହ୍ନ ପ୍ରାୟ ୧ ଘଟିକା ସମୟରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ପ୍ରତିବାଦ ସଭା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳ ମଧୁମିତା ରଥଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ସରକାର ଯଦି ନୟାଗଡ଼ର ପ୍ରମୁଖ ଦାବି ଉପରେ କର୍ଣ୍ଣପାତ ନ କରନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ନିଜର ଅଭିଭାଷଣରେ ସଂଗଠନର ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ କହିବା ସହ ଆଜିର ଡାକରାକୁ ସଫଳ କରିଥିବାରୁ ସମସ୍ତ ବ୍ୟବସାୟୀ, ସାମ୍ବାଦିକ ଏବଂ ଜୟ ନୟାଗଡ଼ ଫାଉଣ୍ଡେସନର କର୍ମକର୍ତାଙ୍କୁ ଧନ୍ୟବାଦ ଦେଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ପ୍ରତିବାଦ ସଭାରେ ପ୍ରତିଷ୍ଠାତାଙ୍କ ସମେତ ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ବରିଷ୍ଠ ଆଇନଜୀବି ମନୋଜ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ବୈଦ୍ୟଭୂଷଣ ମହାପାତ୍ର, ସମାଜସେବୀ ଶ୍ରୀଧର ପ୍ରଧାନ, ଶାନ୍ତନୁ ବିଶୋଇ, ଗୋକୁଳ କୁମାର ଷଡଙ୍ଗୀ, ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ସଂଗଠନର ସଂଯୋଜକ ଅମ୍ଳାନ ଅଂଶୁମାନ ସାହୁ, ଅନୁରାଗ ସ୍ୱାଇଁ, ଦୀପଙ୍କର ପ୍ରଧାନ, ଲୋକେଶ କୁମାର ବେହେରା ପ୍ରମୁଖଙ୍କ ସହ ଶତାଧିକ ଫାଉଣ୍ଡେସନର କାର୍ଯ୍ୟକର୍ତା ଉପସ୍ଥିତ ରହି ନୟାଗଡ଼ ବଜାର ବନ୍ଦକୁ ସଫଳ କରିଥିଲେ ।

# ରେଳଷ୍ଟେସନ ନିକଟରୁ ଉଦ୍ଧାର ନାବାଳକକୁ ଚାଇଲଡ ଲାଇନକୁ ହସ୍ତାନ୍ତର

ସୋର(ନିପ୍ର): ସୋର ରେଳଷ୍ଟେସନ ନିକଟ କାନାରା ବ୍ୟାଙ୍କ ନିକଟରୁ ଉଦ୍ଧାର କରାଯାଇଥିବା ଜଣେ ନାବଳକଙ୍କୁ ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି । ସୂଚନା ଅନୁସାରେ ଗତକାଲି ରାତିରେ ଜଳେଶ୍ୱର ସ୍ଥିତ ଗାନ୍ଧିସେବାଶ୍ରମର ଜଣେ ନାବାଳକ ଆଶ୍ରମରୁ ଫେରାର ହୋଇ ସୋର ରେଳ ଷ୍ଟେସନ ନିକଟ ଷ୍ଟେସନରୋଡ କାନାରା ବ୍ୟାଙ୍କ ନିକଟରେ ଇତଃସ୍ତତ ଭାବେ ବୁଲୁଥିବା ବେଳେ ସୋରର ଅଗ୍ରିଣ ସ୍ୱେଚ୍ଛା ସେବୀ ସଂଗଠନ ଆଦର୍ଶ ଯୁବ ପରିଷଦର କର୍ମକର୍ତା ହରେକୃଷ୍ଣ ଶିଅଳ ତାଙ୍କୁ ଉଦ୍ଧାର କରିଥିଲେ । ପରେ ତାଙ୍କୁ ପାଖରେ ରଖି ଆଜି ସକାଳେ ସୋର ଥାନାରେ ଜିମା ଦେଇଥିଲେ । ଖବର ପାଇ ବାଲେଶ୍ୱର ଚାଇଲ୍ଡ ଲାଇନର ସଦସ୍ୟ ଓ ଉକ୍ତ ଶିଶୁ ଯତ୍ନ ଅନୁଷ୍ଠାନର ସୁପରିଟେଣ୍ଡଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ପହଂଚି ନାବଳକକୁ ନେଇଥିବା ଜଣାପଡିଛି । ପ୍ରକାଶ ଥାଉ କି ଉକ୍ତ ନାବାଳକ ଜଣଙ୍କ ଗତ ୨୦୨୪ ମସିହାରେ ରେଳ ପୁଲିସ ଦ୍ୱାରା ଷ୍ଟେସନରୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି ବାଲେଶ୍ୱରଙ୍କ ହସ୍ତକ୍ଷେପରେ ଉକ୍ତ ଅନୁଷ୍ଠାନକୁ ହସ୍ତାନ୍ତର କରିଥିଲେ । ସେବେଠାରୁ ନାବାଳକ ଜଣଙ୍କ ସେଠାରେ ରହୁଥିବା ବେଳେ ଗତ ୨୨ ତାରିଖରେ ଆଶ୍ରମର କର୍ମକର୍ତାଙ୍କ ଅବହେଳା ପାଇଁ ପାଚେରୀ ଡେଇଁ ଜଳେଶ୍ୱରରୁ ଏକ ଟ୍ରେନରେ ସୋରକୁ ପଳାଇଆସିଥିଲେ ।

# ଯୁବକଙ୍କୁ ରାତିରେ ଘରୁ ଟେକିନେଇ ଭୁଜାଲିରେ ହାଣିଲେ

ନୀଳଗିରି(ନିପ୍ର): ରାଜନୈତିକ ବିବାଦ ତଥା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ରାତିରେ ଘରୁ ଟେକିନେଇ ଭୁଜାଲି ରେ ହାଣିଲେ । ସଙ୍ଘବଦ୍ଧ ଆକ୍ରମଣ ରେ ଗୁରୁତର ଆହତ ଯୁବକ ନୀଳଗିରି ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ସୂଚନାଯୋଗ୍ୟ; ନୀଳଗିରି ଥାନା ଅଧିନ ଅଯୋଧ୍ୟା ଗ୍ରାମର ଗୌରମୋହନ ମଲ୍ଲିକଙ୍କ ପୁଅ ରବିଶଙ୍କର (୨୫) ଓ ଉକ୍ତ ଗ୍ରାମର ନାୟକ ସାଙ୍ଗିଆଧାରୀ ଜଣେ ଯୁବକଙ୍କ ମଧ୍ୟରେ ପୂର୍ବରୁ ରାଜନୈତିକ ବିବାଦ ଲାଗି ରହିଥିଲା । ରାତି ପ୍ରାୟ ୭ଟା ସମୟରରେ ରବିଶଙ୍କର ଅଯୋଧ୍ୟା କଲେଜ ଛକ ନିକଟରେ ଉପସ୍ଥିତ ଥିବାବେଳେ ଉକ୍ତ ଯୁବକ ଜଣକ ପହଂଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟି କରିଥିଲା । ଏହାପରେ ଘଟଣାସ୍ଥଳରୁ ରବିଶଙ୍କର ଘରକୁ ପଳାଇ ଥିଲେ । ଏହାର ପ୍ରାୟ ୩୦ ମିନିଟ ପରେ ଉକ୍ତ ଯୁବକ ଓ ୩ ଜଣ ସହଯୋଗୀ ରବିଶଙ୍କର ଘରେ ପହଂଚି ତାଙ୍କୁ ଏକ ଗାଡ଼ିରେ ଉଠେଇ ଆଣି ମିତ୍ରପୁର ରାସ୍ତାକୁ ନେଇଯାଇଥିଲେ । ସେଠାରେ ରବିଶଙ୍କରଙ୍କ ଗୋଡ଼କୁ ଭୁଜାଲିରେ ହାଣି ଦେଇଥିଲେ । ଜୀବନ ବିକଳରେ ସେ ଜଙ୍ଗଲ ଭିତରେ ଯାଇ ଲୁଚିଥିଲେ । ଅଭିଯୁକ୍ତମାନେ ତାଙ୍କୁ ଖୋଜାଖୋଜି କରି ନପାଇବାରୁ ଘଟଣାସ୍ଥଳରୁ ପଳେଇ ଯାଇଥିଲେ । ଏହାପରେ ରବିଶଙ୍କର ଜଙ୍ଗଲ ଦେଇ ଜୈନିକ ବ୍ୟକ୍ତିଙ୍କ ଘରେ ପହଂଚି ଘରକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇ ଥିଲେ । ଖବର ପାଇ ପରିବାର ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ନୀଳଗିରି ହସ୍ପିଟାଲକୁ ନେଇଛନ୍ତି । ରବିଶଙ୍କର ଙ୍କ ମାଆ ମମତା ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଚଳାଇଛି ।

**ଦଲିଲ ହଜିଛି**

ଆମ୍ଭେ ଶ୍ରୀ ବାଇଧର ନାଏକ, ସା: ବିଜୟରାମଚନ୍ଦ୍ରପୁର, ୱାର୍ଡ଼ ନଂ. ୧୫ ବାରିପଦା, ପୋ: ବାରିପଦା, ଥା: ବାରିପଦା ଟାଉନ, ଜିଲ୍ଲା: ମୟୂରଭଞ୍ଜ ଧର୍ମତଃ ପ୍ରକାଶ କରୁଅଛୁ କି ଗତ ତା୧୭.୦୨.୨୦୨୬ରିଖ ଦିନ ସନ୍ଧ୍ୟାରେ ବାଲେଶ୍ୱର ଏଲ.ଆଇ.ସି. ଅଫିସ୍ ଠାରୁ ଆମ୍ଭ ଗ୍ରାମ ବିଜୟରାମଚନ୍ଦ୍ରପୁର ଅଭିମୁଖେ ବସ୍ ଯୋଗେ ଫେରୁଥିବା ସମୟରେ ଦଲିଲ ଓ ପଟ୍ଟା ମୋ ବ୍ୟାଗରୁ କିଏ ନେଇଯାଇଛି କିମ୍ବା କେଉଁଠାରେ ଖସିପଡ଼ିଛି । ଅରିଜିନାଲ ଦଲିଲ ନଂ. ୧୧୧୩, ତା୨୩.୦୩.୧୯୯୩ରିଖର ବିକ୍ରେତାମାନେ ଶ୍ରୀ ସନ୍ତୋଷ କୁମାର ଗୋପ ଓଗେର ଏବଂ କ୍ରେତା ତାଜମୁନ ନିଶା ଖରିଦ କରିଥିଲୁ । ଉକ୍ତ ଦଲିଲର ମୌଜା- ୟୁନିଟ୍ ନଂ. ୧୫ ଦାରୋଗାଡାହି, ଖା୨୬୬/ ୩୪୨ତା, ଖ୭୫/୧୧୨୬ସଡ଼ା, ଏ୦.୦୩ଡି. ଜମି ଆମ୍ଭେ ଏତଲାକାରୀ ପୁରା ଖରିଦ କରିଅଛୁ । ଉକ୍ତ ଅରିଜିନାଲ ଦଲିଲ ଓ ପଟ୍ଟା ଆମ୍ଭେ ବହୁ ଖୋଜାଖୋଜି କରିବା ପରେ ମଧ ମିଳୁନାହିଁ । ଯଦି କେହି ସ୍ୱହୃଦୟ ବ୍ୟକ୍ତି ପାଇଥାନ୍ତି ତା'ହେଲେ ଓକିଲ ଶ୍ରୀ ରଜତ କୁମାର କରଙ୍କର ମୋ. ନଂ. ୯୯୩୭୯୪୩୦୮୬ରେ ଯୋଗଯୋଗ କରନ୍ତୁ ।

## ଭୁବନେଶ୍ୱର ସ୍ଥିତ ଆରଏମଆରସି ...

୧ମ ପୃଷ୍ଠାର ଅବଶିଷ୍ଟାଂଶ

ପ୍ରତିନିଧି ଦଳ ସମ୍ମାନ ଜଣାଇଥିଲେ । ଏହା ସହିତ ସାମ୍ବାଦିକମାନେ ଭୁବନେଶ୍ୱର ସ୍ଥିତ ସେଂଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଙ୍ଗ ସେଂଟର ପରିଦର୍ଶନ କରି ସେଠାକାର ଅତ୍ୟାଧୁନିକ ମାନୁଫ୍ୟାକ୍ଚରିଂ ଓ ପ୍ରଶିକ୍ଷଣ ସୁବିଧାର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ । ସିଟିଟିସି ଅଧିକାରୀମାନେ ସାମ୍ବାଦିକମାନଙ୍କୁ ଇଣ୍ଡଷ୍ଟ୍ରି ୪.୦, ରୋବୋଟିକ୍ସ ଓ ସିଏନସି ମେସିନିଂ ଭଳି ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ବୁଝାଇଥିଲେ । ବିଶେଷ କରି ଭାରତର ପ୍ରତିରକ୍ଷା ଓ ମହାକାଶ ଗବେଷଣା କ୍ଷେତ୍ରରେ ସିଟିଟିସିର ଅବଦାନ ସମ୍ପର୍କରେ ଜାଣିବାକୁ ସେମାନେ ବେଶ୍ ଆଗ୍ରହ ପ୍ରକାଶ କରିଥିଲେ । ଚନ୍ଦ୍ରଯାନ-୩ ପାଇଁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ନିର୍ମାଣ ଏବଂ ଗଗନଯାନ ମିଶନରେ ଅନୁଷ୍ଠାନର ସକ୍ରିୟ ସହଭାଗିତା ଦେଶର ବୈଷୟିକ ଶକ୍ତିକୁ ପ୍ରତିଫଳିତ କରୁଛି ବୋଲି ସାମ୍ବାଦିକମାନେ ମତବ୍ୟକ୍ତ କରିଥିଲେ । ପରିଶେଷରେ, ଇସ୍ରୋ, ଡିଆରଡିଓ ଓ ହାଲ୍ ଭଳି ପ୍ରତିଷ୍ଠିତ ସଂସ୍ଥା ସହ ସିଟିଟିସିର ସହଭାଗିତା ଏବଂ ବାର୍ଷିକ ହଜାର ହଜାର ଯୁବକଙ୍କୁ ବୈଷୟିକ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭର କରିବାର ପ୍ରୟାସକୁ ପ୍ରତିନିଧି ଦଳ ଉଚ୍ଚ ପ୍ରଶଂସା କରିଥିଲେ । ଏହି ପରିଦର୍ଶନ ଦ୍ୱାରା ବୈଜ୍ଞାନିକ ଉପଲବ୍ଧି ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୂଚନା ଆଦାନ ପ୍ରଦାନ ବୃଦ୍ଧି ପାଇବା ସହ ଭାରତର ବଢୁଥିବା ସ୍ୱାସ୍ଥ୍ୟ ଗବେଷଣା ଓ ବୈଷୟିକ ଦକ୍ଷତା ସମ୍ପର୍କରେ ସେମାନେ ସମ୍ୟକ ଧାରଣା ପାଇଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Jaleswar dt. 18.02.2026, I, Arati Jana, aged about 62 years, W/o- Rabindra Jana resident of Vill/Po- Gomunda, Ps- Mohanpur, Dist- Paschim Medinipur in the state of West Bengal having Aadhaar No. 4984 0654 7797 declare that I have changed my name from Shantilata Jena to Arati Jana. Henceforth, I shall be known as Arati Jana for all purposes.

**Sd/-**
**Arati Jana**

**ଖଡ଼ଗପୁର ଡିଭିଜନରେ ବିବିଧ ସ୍ଥିର ସେବା ଚୁକ୍ତିନାମା ପାଇଁ ଇ-ନିଲାମ ନୋଟିସ୍**

**ଇ-ନିଲାମ ନୋଟିସ୍ ନମ୍ବର: କେଜିପି/ଏମ୍ଏସ୍ଏସ୍/ ୨୦୨୬/୩ ତାରିଖ: ୨୩.୦୨.୨୦୨୬**

ଭାରତୀୟ ସଂଘର ସଭାପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ପରିଚାଳକ, ଖଡ଼ଗପୁର ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୩/ ୪ ରେ ସେଲୁନ୍ ସେବାର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ୩ (ତିନି) ବର୍ଷ ପାଇଁ ଇ-ନିଲାମ ଆମନ୍ତ୍ରଣ କରୁଛନ୍ତି । **ନିଲାମ ତାଲିକା ନମ୍ବର:** ଏମ୍ଏସ୍ଏସ୍-କେଜିପି-ସାଲୋନ-୪ । **ନିଲାମ ତାରିଖ:** ୦୨.୦୩.୨୦୨୬ । **ନିଲାମ ଆରମ୍ଭ/ବନ୍ଦ ସମୟ:** ଯଥାକ୍ରମେ ୧୧:୩୦ଘଂଟା ଏବଂ ୧୨:୦୦ ଘଂଟା ଯାହା **https://www.ireps.gov.in/website** ରେ ସୂଚିତ କରାଯାଇଛି । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ୍ ବିଷୟରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ପାଇଁ ଉପରେ ଉଲ୍ଲେଖ କରାଯାଇଥିବା ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ/ସ୍ପଷ୍ଟୀକରଣ ପାଇଁ, ଦୟାକରି ନିମ୍ନସ୍ୱାକ୍ଷରିତଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

**(PR-1228)** **ବରିଷ୍ଠ ମଣ୍ଡଳୀୟ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣପୂର୍ବ ରେଳପଥ**
*ସହର୍ଷେ ସମସ୍ତଙ୍କ ସେବାରେ*





# କେନ୍ଦୁଝରରେ 'ଆମେ ପଢ଼ିବା ଆମ ଭାଷାରେ' କର୍ମଶାଳା



କେନ୍ଦୁଝର(ନି.ପ୍ର.)ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଏକ ଦିବସୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ?ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ?ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ପ୍ରସ୍ତୁତ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ସେମାନେ ବୁଝୁଥିବା ଓ କହୁଥିବା ମାତୃଭାଷାରେ ଶିକ୍ଷା ଦେବା । ଏହାଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କର ବୌଦ୍ଧିକ ବିକାଶ ସହ ସେମାନଙ୍କମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ 'ମୁଣ୍ଡା' (ହୋ) ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି । ? ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ?ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ହେଲ୍ପର, ସୁପରଭାଇଜର ଏବଂ ସିଡିପିଓ ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି । ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରଚଳନ । ?ଶିଶୁ-ମିତ୍ର ଶିକ୍ଷା ପରିବେଶ ସୃଷ୍ଟି । ? ସ୍ଥାନୀୟ ଲୋକକଥା, ଲୋକଗୀତ ଓ ପରମ୍ପରାକୁ ଶିକ୍ଷାଦାନରେ ସାମି । କରିବା । ? ସହଯୋଗୀ ସଂସ୍ଥା ଓ ?ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୌଜନ୍ୟରୁ ଆୟୋଜିତ ଏହି କର୍ମଶାଳାରେ 'ପ୍ରଥମ' ପରି ସ୍ୱେଚ୍ଛାସେବୀ ସଂସ୍ଥା ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ବୈଷୟିକ ସହଯୋଗ ଯୋଗାଇ ଦେଉଛନ୍ତି । ଏହି କର୍ମଶାଳା ରେ ଉପସ୍ଥିତ ହୋଇ ଉପ-ଜିଲ୍ଲାପାଳ ଉମାକାନ୍ତ ଦଳାଇ କହିଥିଲେ 'ଯଦି ଜଣେ ଶିଶୁ ପ୍ରଥମ ଦିନରୁ ନିଜ ଭାଷା ବଦଳରେ ଏକ ଅଜଣା ଭାଷାର ସମ୍ମୁଖୀନ ହୁଏ, ତେବେ ସେ ମାନସିକ ସ୍ତରରେ ସଂକୁଚିତ ହୋଇଯାଏ । ଶିଶୁଟି ଯେପରି ନ ଡ଼ରି ଖୁସିରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବ, ସେଥିପାଇଁ ମାତୃଭାଷା ଶିକ୍ଷାଦାନର ସର୍ବୋତମ ମାଧ୍ୟମ । ଗୁରୁ (ଅଙ୍ଗନବାଡ଼ି କର୍ମୀ) ଓ ଶିଷ୍ୟଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଠିକ୍ ରହିଲେ ହିଁ ଶିକ୍ଷାଦାନ ସଫଳ ହେବ । ?ଶିଶୁ ନିଜ ଭାଷାରେ ଶୁଣିଲେ ଓ ଶିଖିଲେ ତାକୁ ଅତି ସହଜରେ ଗ୍ରହଣ କରିପାରିବ । ଏହାଦ୍ୱାରା ପାଠପଢ଼ା ପ୍ରତି ତାର ଆଗ୍ରହ ବଢ଼ିବ । ଶିଶୁମାନଙ୍କୁ ସ୍କୁଲ ପ୍ରସ୍ତୁତି ନିମନ୍ତେ ଦକ୍ଷ କରିବା ଏବଂ ସେମାନଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ଦିଗରେ 'ଆମେ ପଢ଼ିବା ଆମ ଭାଷାରେ' ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏହି କର୍ମଶାଳା ରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ସବିତା ଦାଶ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ,ଆଇଟିଡ଼ିଏ କେନ୍ଦୁଝରର ସ୍ୱତନ୍ତ୍ର ଅଧିକାରୀ ମନୋରଞ୍ଜନ ବେହେରା, ଏବଂ ଏଡ଼ିଇଓ ରୁଦ୍ରନାରାୟଣ ସାମଲ ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ ।? ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କମଧ୍ୟରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଶ୍ରୀମତୀ ରଞ୍ଜୁରାଣୀ ଦାସ, ଘଟଗାଁ ସିଡ଼ିପିଓ ଜୟନ୍ତୀ ମହାନ୍ତ, ଘଟଗାଁ ସରପଂଚ ମୁକୁନ୍ଦ ମୁଣ୍ଡା, ଆଇ.ସି.ଡି.ଏସ୍. ସେଲ୍ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମହାନ୍ତ, ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ଚୁଲେଶ୍ୱରୀ ପଟେଲ ଏବଂ ଜିଲ୍ଲା ସଂଯୋଜକ, ପୋଷଣ ଅଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶିକ୍ଷାବିତ, ଅଙ୍ଗନୱାଡ଼ି କର୍ମୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ସିଡିପିଓ, ସୁପରଭାଇଜର ମାନେ ଅଂଶଗ୍ରହଣ କରିଥିଲେ ।ଜିଲ୍ଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓଡ଼ିଶା କୃଷକସଭାର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ବ୍ରହ୍ମପୁର(ନି.ପ୍ର.) :ଓଡିଶା କୃଷକ ସଭା ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଦିଗପହଣ୍ଡି ତହସିଲରେ ଭାଗଚାଷୀଙ୍କ ଜମି ବେଆଇନ ଭାବେ ପଟ୍ଟା ଦେବାତଦନ୍ତ କରିବା ଓ୍ ଭାଗଚାଷୀଙ୍କ ଅଧିକାର ସୁରକ୍ଷା ଦାବୀ ନେଇ ବ୍ରହ୍ମପୁର ପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଓଡିଶା କୃଷକ ସଭା ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଗଣଧାରଣା ରେ ଜିଲ୍ଲା ର ବରିଷ୍ଠ କୃଷକ ନେତା କୈଳାଶ ଷଡ଼ଙ୍ଗୀ,ଜିଲ୍ଲା ସମ୍ପାଦକ ପି. ଶିବ ଶଙ୍କର,ଗୋପାଳ କୃଷ୍ଣ ପାଣିଗ୍ରାହୀ,ଯୋଗେଶ ଚନ୍ଦ୍ର ସାହୁ ବିଦ୍ୟାଧର ଜେନା, ଜିଲ୍ଲା କମିଟି ସଭ୍ୟ କୂରେସୁ ପଣ୍ଡା,ସୁଶାନ୍ତ ଷଡ଼ଙ୍ଗୀ,ଶଶୀ ରଥ,ବିଜୟ ବିଶୋଇ, ମଙ୍ଗଳା ଡାକୁଆ, ବାବୁଲା ନାୟକ, ପ୍ରମୁଖ ଯୋଗ ଦେଇ ଥିଲେ । ଧାରଣା ରୁ ପ୍ରତିନିଧି ମଣ୍ଡଳୀ ଡେପୁଟି-ଉପଜିଲ୍ଲାପାଳ ଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା ।


## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ରାମଚନ୍ଦ୍ରବିହାର, ପାଖରସାଉଁ, ବାଲେଶ୍ୱର

ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି ଓଡ଼ିଶା ସହ ଅନୁବନ୍ଧିତ ।

**UDISE Code No-21081004002**

ଅରୁଣ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ

ଶିକ୍ଷାବର୍ଷ ୨୦୨୬-୨୭

**Reco No: SSBMRSB/246/2022**

**Noc: 2022-2027**

ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତବର୍ଷ (୨୦୨୬-୨୭') ଶିକ୍ଷା ଅଧିକାର ୧୨-(୧-(C) ୨୦୦୯ ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ' ଆମ ବିଦ୍ୟାଳୟରେ କ୍ଲାସ-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, H.I.V ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ, ଆବେଦନ କରିବା ପାଇଁ www.rteparadarshi.odisha.gov.in ପୋର୍ଟାଲକୁ ଲଗଇନ କରନ୍ତୁ । ଆବେଦନ ପଂଜିକରଣ ସମୟ ସୀମା ୧୦.୦୨.୨୬ରୁ ୧୦.୦୩.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୧୬.୦୩.୨୬ ରଖାଯାଇଅଛି । ପ୍ରଥମ ପର୍ଯ୍ୟାୟର ନାମଲେଖା ୧୭.୦୩.୨୬ରୁ ୩୧.୦୩.୨୦୨୬ଦ୍ୱିତୀୟ ପର୍ଯ୍ୟାୟ ପଂଜିକରଣନିମନ୍ତେ ଆବେଦନ କରିବାର ସମୟ ସୀମା ୦୪.୦୪.୨୬ରୁ ୨୪.୦୪.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷତାରିଖ ୨୮.୦୪.୨୬ ରଖାଯାଇଅଛି ।

ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ୨୯.୦୪.୨୬ରୁ ୧୮.୦୫.୨୬ ।
ତୃତୀୟ ପର୍ଯ୍ୟାୟ ପଂଜିକରଣ ଆବେଦନ ୨୨.୦୫.୨୬ରୁ ୧୫.୦୬.୨୬ ।
ଶେଷ ତାରିଖ ୧୮.୦୬.୨୦୨୬ ।
ବିଦ୍ୟାଳୟ ନାମଲେଖା ଆରମ୍ଭ : ୧୯.୦୬.୨୬ରୁ ଆରମ୍ଭ
ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ସୁକାନ୍ତ ପରିଡ଼ା
ପ୍ରଧାନ ଆଚାର୍ଯ୍ୟ
ମୋ-୯୬୫୮୯୫୬୦୧୩


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ୨୭ରେ

ବାଲେଶ୍ୱର(ନି.ପ୍ର.) ରେମୁଣା ପତ୍ରିପାଳ ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ ସୁରଜ କୁମାର ଦାସଙ୍କ ଘଟଣାରେ ବେଆଇନ ବ୍ୟାଙ୍କ ପାସବହି ଖୋଲି ଅର୍ଥ ଆତ୍ମସାତ ଓ ବେଆଇନ ନିଯୁକ୍ତି ଇତ୍ୟାଦି ଘଟଣାରେ ହାତିଆଗଣ୍ଡ ଅଂଚଳର ସୁରଜ କୁମାର ଦାସ ଅଦ୍ୟାବଧି ଜିଲ୍ଲା ପ୍ରଶାସନ ଠାରୁ ନ୍ୟାୟ ନପାଇବା, ପୂର୍ବରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା, ୩ବର୍ଷ ଧରି ଦଉଡ଼ି ଦଉଡ଼ି ନୟାନ୍ତ ହେବା ଘଟଣାରେ ଆସନ୍ତା ୨୭ ତାରିଖ ଶୁକ୍ରବାର ଅପରାହ୍ନ ୩ଟାରୁ ୫ଘଟିକା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ସୁରଜଙ୍କ ପରିବାର ।

# ଜନଗଣନା ପୂର୍ବ ପ୍ରସ୍ତୁତି ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

କେନ୍ଦୁଝର, (ନି.ପ୍ର.): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଡ଼ିଆରଡ଼ିଏର ସମ୍ମିଳନୀ କକ୍ଷଠାରେ ଆଗାମୀ 'ଡିଜିଟାଲ ଜନଗଣନା ୨୦୨୭' ପାଇଁ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଜିଲ୍ଲାର ସମସ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ-ତଥା-ଚାର୍ଜ ଅଫିସର ଏବଂ ଜନଗଣନା ସହାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଥମ ଦିନରେ 'ଜନଗଣନା ପରିଚାଳନା ଏବଂ ଅନୁଧ୍ୟାନ ବ୍ୟବସ୍ଥା' ଏବଂ ଏଚଏଲବି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଶେଷ କରି ତଥ୍ୟ ସଂଗ୍ରହ, ରିଅଲ-ଟାଇମ୍ ରିପୋର୍ଟିଂ ଏବଂ ପୋର୍ଟାଲରେ ଡାଟା ଏ୍ଟ୍ରି ସମ୍ବନ୍ଧରେ ଅଧିକାରୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଶିକ୍ଷା ଦିଆଯାଇଥିଲା । ଦ୍ୱିତୀୟ ଦିନରେ ଚାର୍ଜ ଅଫିସର, ଗଣନାକାରୀ ଏବଂ ସୁପରଭାଇଜରମାନଙ୍କ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା । ଏଥିସହ 'ଐଖଣ୍ଡ ମୋବାଇଲ୍ ଆପ୍' ମାଧ୍ୟମରେ ସ୍ୱୟଂ ଜନଗଣନା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ମାର୍ଗଦର୍ଶିକା ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରର ମୂଳ ଲକ୍ଷ୍ୟ ହେଉଛି ଜନଗଣନା କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଡିଜିଟାଲାଇଜ୍ କରିବା ଏବଂ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କମଧ୍ୟରେ ସମନ୍ୱୟ ରକ୍ଷା କରିବା । ଏହାଦ୍ୱାରା ୨୦୨୭ ଜନଗଣନା କାର୍ଯ୍ୟ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ହୋଇପାରିବ ।ଏହି କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତଙ୍କ ସନ୍ଦେହ ଦୂର କରିବା ସହ ଆଗାମୀ ଦିନରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ।

# ସରକାରୀ ସହାୟତା ଅପେକ୍ଷାରେ ଅସହାୟ ଜୟଧର୍ତ

ରାୟଗଡ଼ା(ନି.ପ୍ର.)ଦିନେ ବ୍ୟବସାୟ ଆଉ ମଜୁରୀ ଖଟି ନିଜର ୭ ପ୍ରାଣୀର ପେଟ ପୋଷୁଥିବା ବେଳେ ବର୍ତମାନ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ୨ ବର୍ଷ ହେଲା ଅଲୋଡ଼ା ହୋଇ ପଡିଛନ୍ତି ୫୫ ବର୍ଷୀୟ ଜୟଧର୍ତ । ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଶଙ୍କରଡା ପଂଚାୟତ ଅନ୍ତର୍ଗତ ପଂଚାଳୀ ଗ୍ରାମର ବାସିନ୍ଦା ଜୟଧର୍ତ ହାଲଓ୍ୱା । ଏବେ ସେ ରୋଗରେ ପୀଡିତ ହୋଇ ଅନ୍ୟର ସାହାରା ରେ ବଂଚୁଛନ୍ତି । ତାଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ସମେତ ୪ ଝିଅ ଓ ଦୁଇ ପୁଅ ସହ ୭ ପ୍ରାଣୀ କୁଟୁମ୍ବ । ସେ ଏହି ରୋଗରେ ପୀଡିତ ହୋଇ ଜୀବନକାଳର ସମସ୍ତ ଅର୍ଜିତ ଅର୍ଥ ବିଭିନ୍ନ ମେଡିକାଲ କୁ ଯାଇ ଚିକିତ୍ସା କରି ସର୍ବସ୍ୱାନ୍ତ ହୋଇ ଏବେ ଘରେ ପଡ଼ି ରହିଛନ୍ତି । ସେ ଏବେ କେବଳ ଆଖିରୁ ଲୁହ ଝରାଇ ଘରେ ନିଜର କଷ୍ଟକୁ ସହ୍ୟ କରି ଚିନ୍ତାରେ ରହିଥିବା ବେଳେ ସରକାରଙ୍କୁ ତାଙ୍କ ଚିକିତ୍ସା ସହାୟତା ପାଇଁ ନିବେଦନ କରିଛନ୍ତି । ତାଙ୍କ ସ୍ତ୍ରୀଙ୍କ କହିବାନୁଯାୟୀ ଜୟଧର୍ତ ତାଙ୍କ ପରିବାରର ଜଣେ ମାତ୍ର ରୋଜଗାରିଆ ବ୍ୟକ୍ତି ଥିବା ବେଳେ ଗତ ଦୁଇ ବର୍ଷ ହେଲା ତାଙ୍କ ପରିବାର ବଡ଼ କଷ୍ଟରେ କାଳାତିପାତ କରୁଛି । ତାଙ୍କ ପରିବାର ବର୍ଗ ଗୁହାରୀ କରିଛନ୍ତି ଯଦିଓ ପ୍ରଶାସନ ଓ ସରକାର କିଛି ଆର୍ଥିକ ସହଯୋଗ କରେ ତାହେଲେ ଉଚ୍ଚ ଚିକିତ୍ସା କରିପାରିବେ ।

# ରାୟଗଡ଼ରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମର ଶୁଭାରମ୍ଭ

ରାୟଗଡ(ନି.ପ୍ର) ଓଡ଼ିଶା ସରକାରଙ୍କ ପ୍ରମୁଖ କାର୍ଯ୍ୟସୂଚୀ 'ଆମେ ପଢ଼ିବା ଆମ ଭାଷାରେ' ଅଧୀନରେ ରାୟଗଡ଼ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଅନୁସ୍ଥାପପନା ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣୀଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମୀନତି ଦେଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସହକାରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆଙ୍ଗନବାଡ଼ି କାର୍ଯ୍ୟକର୍ତା, ଅଭିଭାବକ, ପଂଚାୟତିରାଜ ସଦସ୍ୟ, ସୁପରଭାଇଜର, ସିଡିପିଓ , ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ଜିଲ୍ଲା ଅଭାନ୍ତରୁ ୬୦ ଜଣ ପକ୍ଷକାର ଅଂଶଗ୍ରହଣ କରିଥିଲେ । ରାୟଗଡ଼ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ କାର୍ଯ୍ୟକ୍ରମରେ ସମ୍ବୋଧନ କରି ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । ତାଙ୍କ ମତରେ, ପ୍ରାରମ୍ଭିକ ଶିଶୁକାଳ ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ । ମାତୃଭାଷାରେ ଶିକ୍ଷଣ ଶିଶୁମାନଙ୍କୁ ଆତ୍ମବିଶ୍ୱାସ ନିର୍ମାଣ କରିବା ଏବଂ ମଜବୁତ ମୂଳଭୂତ ଶିକ୍ଷଣ ନିଶ୍ଚିତ କରିବାରେ ସାହାଯ୍ୟ କରେ । ଜିଲ୍ଲାପାଳ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ, ସମୁଦାୟ ଅଂଶଗ୍ରହଣ ଏବଂ ଫ୍ର୍ଲାଇନ୍ କାର୍ଯ୍ୟକର୍ତାଙ୍କ ସକ୍ରିୟ ସମ୍ପୃକ୍ତତାର ଗୁରୁତ୍ୱ ଉପରେ ଦୃଢ଼ତାର ସହିତ କହିଥିଲେ ଏବଂ ଅଭିଭାବକ ଓ ପଂଚାୟତିରାଜ ସଦସ୍ୟଙ୍କୁ ଶିଶୁସନ୍ନିଧି ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ଅଙ୍ଗନବାଡ଼ି କେନ୍ଦ୍ରକୁ ସମର୍ଥନ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ଆଦିବାସୀ ଶିଶୁମାନଙ୍କ ପାଇଁ ମାତୃଭାଷା ଆଧାରିତ ପ୍ରାରମ୍ଭିକ ଶିକ୍ଷାକୁ ମଜବୁତ୍ କରିବାକୁ ଲକ୍ଷ୍ୟ ରହିଛି । ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଏହି 'ଆମେ ପଢ଼ିବା ଆମ ଭାଷାରେ' ଯୋଜନା ୩-୬ ବର୍ଷ ଶିଶୁମାନଙ୍କ ପାଇଁ ସ୍ଥାନୀୟ ଆଦିବାସୀ ଭାଷାରେ ନୂଆ ଅରୁଣିମା ପାଠ୍ୟକ୍ରମ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ସହ ଯୋଡ଼ି ପ୍ରାରମ୍ଭିକ ଶିକ୍ଷଣକୁ ମଜବୁତ୍ କରିବାକୁ ଲକ୍ଷ୍ୟ ରହିଛି । ଏହା ଶିଶୁମାନଙ୍କୁ ବୁଝାଇବା କ୍ଷମତା, ଅଂଶଗ୍ରହଣ, ଆତ୍ମବିଶ୍ୱାସ ଏବଂ ବିଦ୍ୟାଳୟ ପ୍ରସ୍ତୁତିକୁ ବଢ଼ାଇବାରେ ସାହାଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ଚୟନିତ ଅଙ୍ଗନବାଡ଼ି କେନ୍ଦ୍ରରେ କୁଭି ଭାଷାରେ ମାତୃଭାଷା ଆଧାରିତ କ୍ଲାସ୍‌ରୁମ୍ ବ୍ୟବହାରକୁ ମଜବୁତ୍ କରିବା, ଖେଳ ଆଧାରିତ ଶିକ୍ଷା, ପ୍ରାରମ୍ଭିକ ସାହିତ୍ୟ ଓ ସଂଖ୍ୟାବୋଧ ଏବଂ ସମୁଦାୟ ଅଂଶଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି ।ଉକ୍ତ କାର୍ଯ୍ୟକ୍ରମ ପିରମଲ୍ ? ଫାଉଣ୍ଡେସନ୍ ଦଳର ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ବିଜିପୁର ରଥ ସାହିରୁ ବିରଳ ଆଲବିନୋ କମନ ଉଲ୍‌ଫ(ଚିତି) ସାପ ଉଦ୍ଧାର



ବ୍ରହ୍ମପୁର : ସ୍ଥାନୀୟ ବିଜିପୁର ରଥ ସାହିର ଜନୈକ ବ୍ୟକ୍ତିଙ୍କ ଘରୁ ସାପକୁ ସ୍ନେକ ହେଲ୍ପ ଲାଇନ୍ ସଂଯୋଜକ ସ୍ୱାଧୀନ ସାହୁ ଉଦ୍ଧାର କରିଛନ୍ତି । ମଙ୍ଗଳବାର ଡିଏଫ୍ ?ଓ ସନି ଖୋଖରଙ୍କ ପରାମର୍ଶକ୍ରମେ ସାପଟିକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଛି । ସୂଚନା ମୁତାବକ, ସୋମବାର ରାତିରେ ରଥ ସାହିର ନଳୀନି ପଣ୍ଡାଙ୍କ ଘର ବାଡ଼ିରେ ପାଚେରି ଉପରେ ସାପଟିଏ ଥିବା ପରିବାର ସଦସ୍ୟ ଦେଖୁଥିଲେ । ତାହାକୁ ଉଦ୍ଧାର କରିବାକୁ ସ୍ନେକ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ । ସ୍ୱାଧୀନ ସେଠାରେ ପହଂଚି ସାପଟିକୁ ଉଦ୍ଧାର କରିଥିଲେ । କିନ୍ତୁ ସାପଟି ଦେଖିବାକୁ ପୁରା ଭିନ୍ନ ରହିଥିଲା । ସାପଟିର ଶରୀର ରଙ୍ଗ ପୁରା ଧଳା ରହିଥିଲା । ଆଖି ଦେଖିବାକୁ ଲାଲ୍ । ଏ ନେଇ ସ୍ୱାଧୀନ କହିଛନ୍ତି, ଏହା କମନ ଉଲଫ୍(ଚିତି) ସାପ । କିନ୍ତୁ ଆଲବିନୋ । ସହରରେ ସବୁଠି ଏହି ପ୍ରଜାତିର ଚିତି ସାପ ମିଳୁଛି । କିନ୍ତୁ ଆଲବିନୋ ମିଳିବା ବିରଳ । ସାପଟି ଅଣ୍ଡାରେ ରହିଥ?ବା ସମୟରେ ଏକ ନିର୍ଦ୍ଦିଷ୍ଟ ରୋଗ କାରଣରୁ ଏହି ପରି ଧଳା ରଙ୍ଗ ହୋଇଥାଏ । ସାପଟିର ଲମ୍ବ ପାଖାପାଖି ୨ ଫୁଟ ରହିଥ?ବା ସେ କହିଛନ୍ତି ।

# ଅବଦୁଲ କଲାମ ଚେରିଟେବଲ ଟ୍ରଷ୍ଟ ତରଫରୁ ପଂଚମ ବାର୍ଷିକ ଉତ୍ସବ ପାଳିତ

ଖଲ୍ଲିକୋଟ (ନି.ପ୍ର.): ଗଞ୍ଜାମ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ସମ୍ମିଳନୀ ଗୃହରେ ଡା.ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଚେରିଟେବଲ ଟ୍ରଷ୍ଟ ର ପଂଚମ ବାର୍ଷିକ ଉତ୍ସବ ମହା ସମାରୋହ ରେ ପାଳନ କରାଯାଇ ଅଛି । ଟ୍ରଷ୍ଟ ର ପ୍ରତିଷ୍ଠାତା ସଭାପତି ପୂର୍ଣ୍ଣ ଚନ୍ଦ୍ର ବେହେରା ଏହି ଉତ୍ସବ ଓ ସଭାର ସଭାପତିତ୍ୱ କରିଥିବା ବେଳେ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ଏହି ସଭା ର ମୂଖ୍ୟ ଅତିଥି ଭାବେ ସଭା ମଣ୍ଡନ କରିଥିଲେ । ସାଂସଦ ଅନୀତା ଶୁଭଦର୍ଶିନୀ ଖଲ୍ଲିକୋଟ ଅଂଚଳ ର ଐତିହ ପରମ୍ପରା ର ଭୁଇୟସୀ ପ୍ରଶଂସା କରିବା ସହିତ ଖଲ୍ଲିକୋଟ ରେ ଜନ୍ମ ହୋଇଥିବା ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଷୟ ରେ ମଧ୍ୟ କହିଥିଲେ । ମୂଖ୍ୟ ଅତିଥି ଅନୀତା ଶୁଭଦର୍ଶିନୀ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ସ୍ମୃତି ସୁଧା ପୁସ୍ତକ ର ଉନ୍ମୋଚନ ମଧ୍ୟ କରିଥିଲେ । ଏହି ଅବସର ରେ ସାହିତ୍ୟିକ, ସମାଜସେବୀ,ବିଭିନ୍ନ କଳାକାର ଓ ସାମ୍ବାଦିକ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଜ୍ୟୋସ୍ନା ରାଣୀ ଦେବୀ ସଂଯୋଜନା କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ଅବସର ପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରଥ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଥିଲେ ଓଡ଼ିଶା ର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଡ଼ା. ଜୟଶ୍ରୀ ଧଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜର କଣ୍ଠର ସୁମଧୁର ସଙ୍ଗୀତ ପରିବେଷଣ ମଧ୍ୟ କରୁଥିଲେ । ସାହିତ୍ୟିକ ପ୍ରଫେସର ଡ଼ା .ବୈଷ୍ଣବ ଚରଣ ସାମଲ ଧର୍ମଶାଳା ମହିଳା ମହାବିଦ୍ୟାଳୟ ର ଦର୍ଶନ ବିଭାଗ ର ମୁଖ୍ୟ ଡ଼ା .ସୁନାକର ଦାସ, ଗଞ୍ଜାମ ଜିଲ୍ଲା ବିଜେପି ସଂଗଠକ ଓ ସଂପାଦକ ଅନୀଲ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ । ଟ୍ରଷ୍ଟ ର ସଂପାଦକ ଓ ଖଲ୍ଲିକୋଟ ଆର୍ଟ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପଂଚାନନ ସୁର ଆନୁଷ୍ଠାନିକ ଭାବେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ୧୬ ଜଣ ବ୍ୟକ୍ତି ବିଶେଷ ଙ୍କୁ ଏହି ଅବସର ରେ ସମ୍ମାନିତ କରାଯାଇଥିଲେ । ଏହି ସମାରୋହ ରେ ଅନେକ ଗଣ୍ୟ ମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ଏବଂ ସଭା ଶେଷ ରେ ବିଦ୍ୟୁତ ପ୍ରଭା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




## ସାରସ୍ୱତ ଗୁରୁକୁଳ ଶିକ୍ଷାକେନ୍ଦ୍ର

ନୂଆଗାଁ, ପତ୍ରିପାଳ, ରେମୁଣା, ବାଲେଶ୍ୱର

ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି

**UDISE Code No-21080900103**

କେଜି-୧ ଠାରୁ ଦଶମ ଶ୍ରେଣୀ

ଶିକ୍ଷାବର୍ଷ ୨୦୨୬-୨୭

**Noc: 2022-2027**

ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତବର୍ଷ (୨୦୨୬-୨୭') ଶିକ୍ଷା ଅଧିକାର ୧୨-(୧-(C) ୨୦୦୯ ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ' ଆମ ବିଦ୍ୟାଳୟରେ କ୍ଲାସ-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, H.I.V ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ, ଆବେଦନ କରିବା ପାଇଁ www.rteparadarshi.odisha.gov.in ପୋର୍ଟାଲକୁ ଲଗଇନ କରନ୍ତୁ । ଆବେଦନ ପଂଜିକରଣ ସମୟ ସୀମା ୧୦.୦୨.୨୬ରୁ ୧୦.୦୩.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୧୬.୦୩.୨୬ ରଖାଯାଇଅଛି । ପ୍ରଥମ ପର୍ଯ୍ୟାୟର ନାମଲେଖା ୧୭.୦୩.୨୬ରୁ ୩୧.୦୩.୨୦୨୬ଦ୍ୱିତୀୟ ପର୍ଯ୍ୟାୟ ପଂଜିକରଣନିମନ୍ତେ ଆବେଦନ କରିବାର ସମୟ ସୀମା ୦୪.୦୪.୨୬ରୁ ୨୪.୦୪.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷତାରିଖ ୨୮.୦୪.୨୬ ରଖାଯାଇଅଛି ।

ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ୨୯.୦୪.୨୬ରୁ ୧୮.୦୫.୨୬ ।
ତୃତୀୟ ପର୍ଯ୍ୟାୟ ପଂଜିକରଣ ଆବେଦନ ୨୨.୦୫.୨୬ରୁ ୧୫.୦୬.୨୬ ।
ଶେଷ ତାରିଖ ୧୮.୦୬.୨୦୨୬ ।
ବିଦ୍ୟାଳୟ ନାମଲେଖା ଆରମ୍ଭ : ୧୯.୦୬.୨୬ରୁ ଆରମ୍ଭ
ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ଅଧ୍ୟକ୍ଷ
ମୋ-୭୮୯୪୦୫୫୨୪୬

# ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ର ସଫଳ ସମାପ୍ତି ଉପରେ ଏକ ଲେଖା ସେୟାର କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ର ସଫଳ ସମାପ୍ତି ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ହରଦୀପ ସିଂହ ପୁରୀଙ୍କ ଏକ ଚମତ୍କାର ଲେଖା ସେୟାର କରିଛନ୍ତି । ତାଙ୍କ ଲେଖାରେ, କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଭାରତ ଏହାର ସଭ୍ୟତାଗତ ପ୍ରେରଣାରୁ ପ୍ରେରଣା ପାଇଛି । କେନ୍ଦ୍ର ମନ୍ତ୍ରୀ ଆହୁରି ଉଲ୍ଲେଖ କରିଛନ୍ତି ଯେ ଭାରତ ନିଜର ସଂଗଠନ ଚିନ୍ତାଧାରା ଉପସ୍ଥାପନ କରୁଛି: ତଥ୍ୟ ଉପରେ ସାର୍ବଭୌମତ୍ୱ, ଡିଜାଇନ୍ ଦ୍ୱାରା ଅନ୍ତର୍ଭୁକ୍ତିକରଣ ଏବଂ ଡିଫଲ୍ଟ ଭାବରେ ଦାୟିତ୍ୱ । ପିଏମଓ ଏକ୍ସରେ ସେୟାର କରିଛନ୍ତି; 'ଏହି ଚମତ୍କାର ଲେଖାରେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅଐବକ୍ସୟରରକ୍ଟ୍ରଝଚଙ୍କକ୍ସସ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ର ସଫଳ ସମାପ୍ତି ବିଷୟରେ ଲେଖିଛନ୍ତି, ଉଲ୍ଲେଖ କରିଛନ୍ତି ଯେ ଭାରତ ଏହାର ସଭ୍ୟତାଗତ ପ୍ରେରଣାରୁ ପ୍ରେରଣା ପାଇଛି । ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ନିଜର ସଂଗଠନ ଚିନ୍ତାଧାରା ଉପସ୍ଥାପନ କରୁଛି: ତଥ୍ୟ ଉପରେ ସାର୍ବଭୌମତ୍ୱ, ଡିଜାଇନ୍ ଦ୍ୱାରା ଅନ୍ତର୍ଭୁକ୍ତିକରଣ ଏବଂ ଡିଫଲ୍ଟ ଭାବରେ ଦାୟିତ୍ୱ ।'



ପ୍ରଖ୍ୟାତ ପାରା ଅଲିମ୍ପିକସ କ୍ରୀଡାବିତ୍ ବାହାରିନ ଠାରେ ଷଷ୍ଠ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରି ଐତିହାସିକ ସଫଳତା ଅର୍ଜନ କରିବା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବିଧାନ ସଭା ପ୍ରକୋଷ୍ଠରେ ଶ୍ରୀ ଭଗତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମଧ ଉପସ୍ଥିତ ଅଛନ୍ତି ।



## ଶ୍ରୀନଗର ଅନ୍ତର୍ଜାତୀୟ ବିମାନବନ୍ଦରରେ ସିଭିଲ୍ ଏନକ୍ଲେଭ୍ ସମ୍ପ୍ରସାରଣକୁ କ୍ୟାବିନେଟ୍ ମଞ୍ଜୁରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ବନ୍ଧୀୟ କ୍ୟାବିନେଟ୍ କମିଟି ଆଜି ଶ୍ରୀନଗର ଅନ୍ତର୍ଜାତୀୟ ବିମାନବନ୍ଦରରେ ୧,୬୭୭ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ପ୍ରସ୍ତାବିତ ସିଭିଲ୍ ଏନକ୍ଲେଭ ବା ବେସାମରିକ କୋଠାର ନିର୍ମାଣକୁ ମଞ୍ଜୁରି ଦେଇଛନ୍ତି । କାଶ୍ମୀର ଉପତ୍ୟକାରେ ବିମାନ ଚଳାଚଳ ଭିତିଭୂମି ଏବଂ ସଂଯୋଗୀକରଣକୁ ସୁଦୃଢ଼ କରିବା ଦିଗରେ ଏହା ଏକ ପ୍ରମୁଖ ମାଇଲଖୁଂଟ ସାବ୍ୟସ୍ତ ହେବ । ଏହି ପ୍ରକଳ୍ପର ପରିସର ମଧ୍ୟରେ ସୁରକ୍ଷା କର୍ମୀଙ୍କ ପାଇଁ ବାରାକ୍ ନିର୍ମାଣ ମଧ ଅନ୍ତର୍ଭୁକ୍ତ ରହିଛି । ଭାରତୀୟ ବାୟୁସେନାର ବୁଡଗାମ୍ ଏୟାରବେସ୍ ମଧ୍ୟରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଦ୍ୱାରା ପରିଚାଳିତ ଏହି ବିମାନବନ୍ଦର ୨୦୦୫ ମସିହାରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ଭାବେ ନାମିତ ହୋଇଥିଲା, ଯାହା ଶ୍ରୀନଗର ସହରଠାରୁ ପ୍ରାୟ ୧୨ କିଲୋମିଟର ଦୂରରେ ଅବସ୍ଥିତ । ସମୁଦାୟ ୭୩.୧୮ ଏକର ପରିମିତ ଅଂଚଳରେ ବ୍ୟାପ୍ତ ହୋଇଥିବା ଏହି ନୂତନ ସିଭିଲ୍ ଏନକ୍ଲେଭ ପ୍ରକଳ୍ପରେ ୭୧,୫୦୦ ବର୍ଗ ମିଟର (ବର୍ତ୍ତମାନର ୨୦,୬୫୯ ବର୍ଗ ମିଟର ଭିତିଭୂମି ସମେତ) ବିଶିଷ୍ଟ ଏକ ଅତ୍ୟାଧୁନିକ ଟର୍ମିନାଲ୍ ବିଲଡିଂ ରହିବ, ଯାହା ଗହଳି ସମୟରେ ୨,୯୦୦ ଯାତ୍ରୀ ଏବଂ ବାର୍ଷିକ ୧୦ ନିୟୁତ ଯାତ୍ରୀଙ୍କୁ ସେବା ଯୋଗାଇବା ପାଇଁ ପରିକଳ୍ପନା କରାଯାଇଛି । ସମ୍ପ୍ରସାରିତ ଆପ୍ରୋନ୍ରେ ଗୋଟିଏ ୱାଇଡ୍‌ବଡି (କୋଡ୍ ଇ) ସମେତ ୧୫ଟି ଏୟାରକ୍ରାଫ୍ଟ ପାର୍କିଂ ବେ' ରହିବ (୯ଟି ବିଦ୍ୟମାନ ଏବଂ ୬ଟି ପ୍ରସ୍ତାବିତ) । ଏଥିସହିତ ବାୟୁ ସେନା ଦ୍ୱାରା ପରିଚାଳିତ ୩,୬୫୮ ମିଟର ଘ ୪୫ ମିଟର ରନ୍ୱେ ପୂର୍ବ ଭଳି ବାୟୁସେନା ଦ୍ୱାରା ପରିଚାଳିତ ହେବା ଜାରି ରହିବ । ଏହି ପ୍ରକଳ୍ପରେ ୧,୦୦୦ଟି କାର୍ ରହଣୀ ପାଇଁ ବହୁସ୍ତରୀୟ କାର୍ ପାର୍କିଂ ସୁବିଧାର ନିର୍ମାଣ ମଧ ଅନ୍ତର୍ଭୁକ୍ତ ହେବ । ସ୍ଥାପତ୍ୟ ଦୃଷ୍ଟିକୋଣରୁ, ନୂତନ ଟର୍ମିନାଲ୍ ଆଧୁନିକ ଡିଜାଇନ୍ ଏବଂ କାଶ୍ମୀରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ସୁନ୍ଦର ସମନ୍ୱୟ ପ୍ରଦର୍ଶନ କରିବ । ଏଥିରେ ଜଟିଳ କାଠକାମ ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଅନୁପ୍ରାଣିତ ପାରମ୍ପରିକ ଉପାଦାନଗୁଡ଼ିକୁ ସାମିଲ କରାଯିବ, ଏଥିସହିତ ସୁବ୍ୟବସ୍ଥିତ ଯାତ୍ରୀ ପ୍ରକ୍ରିୟାକରଣ କ୍ଷେତ୍ର, ପ୍ରଶସ୍ତ ଲାଉଞ୍ଜ ଏବଂ ଉନ୍ନତ ସୁରକ୍ଷା ତଥା ଚେକ୍-ଇନ୍ ସୁବିଧା ମାଧ୍ୟମରେ କାର୍ଯ୍ୟକ୍ଷମ ଦକ୍ଷତା ବଜାୟ ରଖାଯିବ । ସ୍ଥାୟୀତ୍ୱ ଏହି ବିକାଶର ଏକ ମୁଖ୍ୟ ଆଧାର ହୋଇ ରହିଛି, ଯେଉଁଥିରେ ଉନ୍ନତ ଜଳ ଅମଳ ପ୍ରଣାଳୀ, ଶକ୍ତି ବ୍ୟବହାର ହ୍ରାସ କରିବା ପାଇଁ ସର୍ବାଧିକ ପ୍ରାକୃତିକ ଆଲୋକ ଏବଂ କାର୍ବନ ଫୁଟପ୍ରିଂଟ କମାଇବା ପାଇଁ ସ୍ଥାନୀୟ ପରିବେଶ ଅନୁକୂଳ ସାମଗ୍ରୀର ବ୍ୟବହାର ଭଳି ବୈଶିଷ୍ଟ୍ୟ ରହିଛି । ଏହି ପ୍ରକଳ୍ପ ଏକ ପ୍ରତିଷ୍ଠିତ ୫-ଷ୍ଟାର୍ ଗୃହ ( ଏଜଓଐଇ) ରେଟିଂ ହାସଲ କରିବାକୁ ଲକ୍ଷ୍ୟ ରଖିଛି । ଭିତିଭୂମି ବୃଦ୍ଧି ବ୍ୟତୀତ, ଏହି ପ୍ରକଳ୍ପ ରାଜ୍ୟର ବିଶେଷ ପର୍ଯ୍ୟଟନ ସ୍ଥଳୀ ଯେମିତି: ଡାଲ୍ ହ୍ରଦ, ଶଙ୍କରାଚାର୍ଯ୍ୟ ମନ୍ଦିର ଏବଂ ମୋଗଲ ଉଦ୍ୟାନ ସମେତ ପ୍ରମୁଖ ଆକର୍ଷଣଗୁଡ଼ିକ ସହିତ ସଂଯୋଗୀକରଣରେ ଉନ୍ନତି ଆଣି ପର୍ଯ୍ୟଟନ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ଯଥେଷ୍ଟ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ଏହାଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ପୁଞ୍ଜି ବିନିଯୋଗ ଉତ୍ସାହିତ ହେବ ଏବଂ ଏକ ପ୍ରମୁଖ ପର୍ଯ୍ୟଟନ ତଥା ଅର୍ଥନୈତିକ ଗନ୍ତବ୍ୟ ସ୍ଥଳ ଭାବରେ ଶ୍ରୀନଗରର ସ୍ଥିତିକୁ ସୁଦୃଢ଼ କରିବ । ସିଭିଲ୍ ଏନକ୍ଲେଭର ବିକାଶ ଏହିପରି ଭାବରେ ବିଶ୍ୱସ୍ତରୀୟ ଭିତିଭୂମି ପ୍ରଦାନ କରିବା ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପକୁ ପ୍ରତିନିଧିତ୍ୱ କରୁଛି, ଯାହା ଯାତ୍ରୀମାନଙ୍କ ପାଇଁ ଉନ୍ନତ ସୁବିଧା ଏବଂ ସଂଯୋଗୀକରଣ ପ୍ରଦାନ କରିବା ସହିତ କାଶ୍ମୀରର ସାଂସ୍କୃତିକ ଏବଂ ପ୍ରାକୃତିକ ଶୋଭାକୁ ବିଶ୍ୱ ଆଗରେ ପ୍ରଦର୍ଶନ କରିବ ।

## ପୂର୍ବତଟ ରେଳପଥ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ୍ ଟ୍ରେନକୁ ଆଧୁନିକ ଏଲଏଚବି କୋଚ୍ ସହିତ ଅପଗ୍ରେଡ୍ କରିବ



ଭୁବନେଶ୍ୱର : ଯାତ୍ରୀ ସୁରକ୍ଷା, ଆରାମ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ସୁଗମ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଇଂଟରସିଟି ଏକ୍ସପ୍ରେସ୍ ଟ୍ରେନର କୋଚ୍ ଗୁଡ଼ିକୁ ଆଧୁନିକ ଏଲଏଚବି (ଲିଙ୍କେ ହଫମାନ ବୁଶ୍) କୋଚ୍‌ରେ ପରିବର୍ତ୍ତନ କରିବ । ଏଲଏଚବି କୋଚ୍‌ଗୁଡ଼ିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ଯାତ୍ରା ସୁବିଧା, ଉନ୍ନତ ସସପେନସନ୍ ସିଷ୍ଟମ୍ ଏବଂ ଆକର୍ଷଣୀୟ ଡିଜାଇନ୍ ସହିତ ନିର୍ମିତ କରାଯାଇଛି । ଏହି କୋଚ୍ ?ଗୁଡ଼ିକ ଦ୍ରୁତ ଗତିରେ ଅଧିକ ସ୍ଥିରତା ପ୍ରଦାନ କରିବା ସହିତ ଯାତ୍ରୀଙ୍କୁ ଆଧୁନିକ ସୁବିଧା ସୁଯୋଗ ପ୍ରଦାନ କରିଥାଏ । ଏହି ଅପଗ୍ରେଡେସନ୍ ପୂର୍ବ ତଟ ରେଳପଥର ଆଧୁନିକୀକରଣ ଏବଂ ସୁରକ୍ଷା ବୃଦ୍ଧି ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଭାରତୀୟ ରେଳବାଇର ବ୍ୟାପକ ଦୃଷ୍ଟିକୋଣ ଅନୁରୂପ, ସମଗ୍ର ନେଟୱାର୍କରେ କ୍ରମଶଃ ପାରମ୍ପରିକ କୋଚ୍‌ଗୁଡ଼ିକୁ ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଏଲଏଚବି କୋଚ୍ ସହିତ ପରିବର୍ତ୍ତନ କରିବାର ଲକ୍ଷ୍ୟକୁ ସମର୍ଥନ କରେ । ଏହି ମାର୍ଗରେ ଯାତ୍ରା କରୁଥିବା ଯାତ୍ରୀମାନେ ଉନ୍ନତ ସୁବିଧା, ଉଚ୍ଚତର ସୁରକ୍ଷା ମାନଦଣ୍ଡ ଓ ସମଗ୍ର ଯାତ୍ରା ଅନୁଭବରେ ଉଲ୍ଲେଖନୀୟ ସୁଧାରର ଲାଭ ଉଠାଇପାରିବେ ।

## ଭାରତ ଏବଂ ଇସ୍ରାଏଲ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ପ୍ରଥମ ପର୍ଯ୍ୟାୟ ଆଲୋଚନା ଆରମ୍ଭ

ନୂଆଦିଲ୍ଲୀ : ଭାରତ-ଇସ୍ରାଏଲ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ପ୍ରଥମ ପର୍ଯ୍ୟାୟ ଆଲୋଚନା ୨୩ ଫେବୃଆରୀ ୨୦୨୬ ରେ ନୂଆଦିଲ୍ଲୀରେ ଆରମ୍ଭ ହୋଇଥିଲା ଏବଂ ଏହା ୨୬ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ । ବାଣିଜ୍ୟ ଏବଂ ଆର୍ଥିକ ସହଯୋଗ ବୃଦ୍ଧି ପାଇଁ ଚିହ୍ନଟ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା ପାଇଁ ଏକ ସଂରଚିତ ଢାଂଚା ସ୍ଥାପନ କରି ନଭେମ୍ବର ୨୦୨୫ ରେ ସନ୍ଦର୍ଭର ସର୍ତ୍ତାବଳୀ ସ୍ୱାକ୍ଷରିତ ହୋଇଥିଲା । ଆର୍ଥିକ ବର୍ଷ ୨୦୨୪-୨୦୨୫ ରେ ଦୁଇ ଦେଶ ମଧ୍ୟରେ ମୋଟ ବାଣିଜ୍ୟ ବାଣିଜ୍ୟ ୩.୬୨ ବିଲିୟନ ଆମେରିକୀୟ ଡଲାର ଥିଲା । ଭାରତ ଏବଂ ଇସ୍ରାଏଲ ବିଭିନ୍ନ କ୍ଷେତ୍ରରେ ପରିପୂରକତା ବାଂଟନ୍ତି, ଏବଂ FTA MSME ସମେତ ବ୍ୟବସାୟଗୁଡ଼ିକୁ ନିଶ୍ଚିତତା ଏବଂ ପୂର୍ବାନୁମାନ ପ୍ରଦାନ କରି ଦ୍ୱିପାକ୍ଷିକ ବାଣିଜ୍ୟକୁ ଆହୁରି ବୃଦ୍ଧି କରିବା ପାଇଁ ଏକ ଉତ୍ପ୍ରେରକ ହେବ । ଏହି ପର୍ଯ୍ୟାୟରେ, ଉଭୟ ପକ୍ଷର ବୈଷୟିକ ବିଶେଷଜ୍ଞମାନେ FTA ର ବିଭିନ୍ନ ଦିଗ ଯେପରିକି ସାମଗ୍ରୀ ବାଣିଜ୍ୟ, ସେବା ବାଣିଜ୍ୟ, ଉତ୍ପତି ନିୟମ, ସାନିଟାରୀ ଏବଂ ଫାଇଟୋସାନିଟାରୀ ପଦକ୍ଷେପ, ବାଣିଜ୍ୟରେ ବୈଷୟିକ ପ୍ରତିବନ୍ଧକ, କଷ୍ଟମ ପ୍ରକ୍ରିୟା ଏବଂ ବାଣିଜ୍ୟ ସୁବିଧା, ବୌଦ୍ଧିକ ସମ୍ପତି ଅଧିକାର ଇତ୍ୟାଦି ଉପରେ ଆଲୋଚନା କରିବେ । ଉଦଘାଟନୀ ଅଧିବେଶନରେ, ବାଣିଜ୍ୟ ସଚିବ ଶ୍ରୀ ରାଜେଶ ଅଗ୍ରୱାଲ ଗୁରୁତ୍ୱାରୋପ କରିଥିଲେ ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫-୨୬ ଫେବୃଆରୀ, ୨୦୨୬ ପର୍ଯ୍ୟନ୍ତ ଇସ୍ରାଏଲ ଗସ୍ତର ଏକ ଉପଯୁକ୍ତ ମୁହୂର୍ତ୍ତରେ FTA ଆଲୋଚନା ଆରମ୍ଭ ହୋଇଥିଲା । ଶ୍ରୀ ଅଗ୍ରୱାଲ ନବସୃଜନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତା, ସାଇବର ସୁରକ୍ଷା, ଉଚ୍ଚ-ପ୍ରଯୁକ୍ତି ଉତ୍ପାଦନ, କୃଷି ଏବଂ ସେବା ଭଳି କ୍ଷେତ୍ରରେ ଉଭୟ ପକ୍ଷ ପାଇଁ ଉପଲବ୍ଧ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ FTA ଉଭୟ ଦେଶକୁ ଏହି ସୁଯୋଗଗୁଡ଼ିକୁ ଉପଯୋଗ ଏବଂ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ସକ୍ଷମ କରିବ । ଭାରତର ମୁଖ୍ୟ ଆଲୋଚନାକାରୀ, ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଶ୍ରୀ ଅଜୟ ଭାଦୁ ଦୁଇ ଦେଶ ପାଇଁ ଏହି ସମ୍ପର୍କର ଗୁରୁତ୍ୱକୁ ପୁନର୍ବାର ଦୋହରାଇଥିଲେ ଏବଂ ଏକ ବିକଶିତ ସହଭାଗୀତା ପାଇଁ ଏକ ଭବିଷ୍ୟତ ଢାଂଚା ନିର୍ମାଣ କରିବା ପାଇଁ ଏକ ସନ୍ତୁଳିତ ଚୁକ୍ତି ଉପରେ କାମ କରିବାକୁ ଉଭୟ ପକ୍ଷଙ୍କୁ ଉତ୍ସାହିତ କରିଥିଲେ ।

## ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀକୁ ଜାତୀୟସ୍ତରରେ ଆୟୋଜନ ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ





ନୂଆଦିଲ୍ଲୀ : ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଦେଶର ରାଜଧାନୀ ଦିଲ୍ଲୀରେ ଏକ ଭବ୍ୟ ଜାତୀୟ ସ୍ତରୀୟ ସ୍ମୃତି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶହୀଦ ବାଜି ରାଉତଙ୍କ ଅସୀମ ସାହସ ଓ ବଳିଦାନକୁ ମନେ ପକାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ପାଇଁ ପତ୍ର ମାଧ୍ୟମରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଛନ୍ତି ଶ୍ରୀ ପ୍ରଧାନ । ସେ ପତ୍ରରେ ଉଲ୍ଲେଖ କରିଛନ୍ତି,୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଢେଙ୍କାନାଳର ନୀଳକଣ୍ଠପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବାଜି ରାଉତ ମାତ୍ର ୧୨ ବର୍ଷ ବୟସରେ ବ୍ରିଟିଶ ବାହିନୀକୁ ନଦୀ ପାର କରିବାକୁ ସାହସର ସହ ମନା କରି ଶହୀଦ ହୋଇଥିଲେ । ୧୯୩୮ ଅକ୍ଟୋବର ୧୧ ତାରିଖରେ ନୀଳକଣ୍ଠପୁର ଘାଟରେ ତାଙ୍କର ଏହି ମହାନ ବଳିଦାନ ଗଡ଼ଜାତ ଆନ୍ଦୋଳନକୁ ଏକ ନୂଆ ମୋଡ଼ ଦେବା ସହ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ମଧ ଶକ୍ତିଶାଳୀ କରିଥିଲା । ବାଜି ରାଉତ ଯେଉଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ, ତାହା ଦେଶପ୍ରେମ ଓ ନୈତିକ ଦୃଢ଼ତାର ଏକ ଅନନ୍ୟ ପ୍ରତୀକ । ଶହୀଦ ବାଜି ରାଉତ କେବଳ ଓଡ଼ିଶାର ଜଣେ ଆଂଚଳିକ ନାୟକ ନୁହନ୍ତି, ବରଂ ସେ ସମଗ୍ର ଭାରତ ପାଇଁ 'ଯୁବ ଦେଶପ୍ରେମ'ର ଏକ ଅମର ପ୍ରତୀକ ଏବଂ ଜାତୀୟ ଆଇକନ । ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ୫ ଅକ୍ଟୋବର ୨୦୨୫ରେ ପ୍ରବେଶ କରିଥିବା ବେଳେ ୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବର୍ଷେ ବ୍ୟାପୀ ତାଙ୍କର ଶତବାର୍ଷିକୀ ଉତ୍ସବ ପାଳନ କରାଯିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ ରାଜ୍ୟ ସ୍ତରରେ ଏହି ଶତବାର୍ଷିକୀକୁ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆନୁଷ୍ଠାନିକ ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ ଶ୍ରୀ ପ୍ରଧାନ 'ଶହୀଦ ବାଜି ରାଉତଙ୍କ ଅମର ଗାଥା: ରାଷ୍ଟ୍ର ନିର୍ମାଣ ପାଇଁ ଯୁବଶକ୍ତିଙ୍କୁ ପ୍ରେରଣା' ଶୀର୍ଷକରେ ଏକ 'ଜାତୀୟ ଛାତ୍ର ଓ ଯୁବ ସମ୍ମିଳନୀ' ଆୟୋଜନ କରିବାକୁ ପୃଥକ ସଲଗ୍ନ ପତ୍ରରେ ପ୍ରସ୍ତାବ ଦେଇଛନ୍ତି ।

## ବାଲେଶ୍ୱର ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ବାଲେଶ୍ୱର : ୨୪ ତାରିଖ ମଙ୍ଗଳବାର ପୂର୍ବାହ୍ନରେ ଗୋପାଳଗାଁସ୍ଥିତ ବାଲେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଏନଏସଏସ ଏବଂ ୱାଇଆରଏସ୍‌ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଥାଲାସେମିଆ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଏଭଳି ଶିବିର ଆୟୋଜିତ ହୋଇଥିଲା । ଆମ ଓଡ଼ିଶା ପରିବାର ଓ 'ଆଜିକାଲି' ସମ୍ବାଦପତ୍ର ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ତଥା ଏହି ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁଧାକର ନାୟକ, 'ମଣିଷ ଘର'ର ପ୍ରତିଷ୍ଠାତା, ଲେଖକ ଓ ସାମାଜିକ କର୍ମୀ ପ୍ରଶାନ୍ତ ଦାସ, ରକ୍ତଦାତା ସଂଘ ଉପସଭାପତି ଦେବାଶିଷ ପାଣି ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ନାୟକ ପ୍ରମୁଖ ଏହି ଶିବିର ଉଦଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଜନସାଧାରଣ, ୱାଇଆରସିର କାଉନସେଲର୍ ତଥା ରାଜନୀତି ବିଜ୍ଞାନ ଅଧ୍ୟାପିକା କୁମାରୀ ମାୟାବତୀ ମଲ୍ଲିକ, ସଂସ୍କୃତ ବିଭାଗ ଅଧ୍ୟାପିକା କୁମାରୀ ଚମ୍ପାବତୀ କିସ୍କୁ, ଏନଏସଏସର ପ୍ରୋଗ୍ରାମ ଅଫିସର ଡ. ପୂଜାରାଣୀ ପରିଡ଼ା, ଆଇକ୍ୟୁଏସିର ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ମଣ୍ଡଳ, ଡ. ମୋନିକା ଶତପଥୀ, ପ୍ରଦୀପ କୁମାର ଜେନା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ରକ୍ତଭଣ୍ଡାର ପକ୍ଷରୁ ଡ. ଜି.ପୂର୍ଣ୍ଣ୍ୟତୋୟା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ, କଲେଜର ଅନ୍ୟ କର୍ମଚାରୀ ଯଥା ରଶ୍ମିରେଖା ସାମନ୍ତରାୟ, ରିୟା ଦାସ, କାବ୍ୟାଶ୍ରୀ ମହାପାତ୍ର, ରୂପାଲି ଚୌଧୁରୀ, ସ୍ମିତିପ୍ରଜ୍ଞା ବାରିକ, ନମିତା ପ୍ରଧାନ, ରତ୍ନପର୍ଣ୍ଣା ଜେନା, ରାଧାବଲ୍ଲଭ ଦଳାଇ, ପ୍ରେୟସୀ ମହାପାତ୍ର, ବାସନ୍ତୀ ମାହାର୍ନା, ଭାସ୍କର ଚନ୍ଦ୍ର ବାରିକ, ନିରଞ୍ଜନ ବାରିକ, ସୋମନାଥ କର ପ୍ରମୁଖ ବିଶେଷ ସହଯୋଗ ପାଇଁ କାର୍ଯ୍ୟକ୍ରମ ସଫଳ ହୋଇପାରିଥିଲା ।

## ବିଏସଏନଏଲ ଏବଂ ଟିଡବ୍ଲୁଡବ୍ଲୁଓ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର : ରେଡକ୍ରସ କଟକ ସହାୟତାରେ ତଥା ଦୂରସଂଚାର ମହିଳା କଲ୍ୟାଣ ସଂଗଠନ (ଟିଡବ୍ଲୁଡବ୍ଲୁଓ) ର ମିଳିତ ଆନୁକୂଲ୍ୟରେ ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସଏନଏଲ) ଓଡ଼ିଶା ପରିମଣ୍ଡଳ ପକ୍ଷରୁ ଏକ ରକ୍ତଦାନ ଶିବିର ଆଜି ଭୁବନେଶ୍ୱର ଅଶୋକ ନଗରସ୍ଥିତ ବିଏସଏନଏଲ ଭବନଠାରେ ଆୟୋଜିତ ହୋଇଯାଇଛି । ବିଏସଏନଏଲ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ (ଟିଡବ୍ଲୁଡବ୍ଲୁଓ) ଓଡ଼ିଶାର ସଭାପତି ଶ୍ରୀମତୀ ମମତା ବେହେରା ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ବେହେରା ସମସ୍ତଙ୍କୁ ଏହି ମହାନ ଉଦ୍ଦେଶ୍ୟ ପାଇଁ ରକ୍ତଦାନ କରିବାକୁ ଆହ୍ୱାନ କରିଥିଲେ ଯାହାଦ୍ୱାରା ମୂଲ୍ୟବାନ ମାନବ ଜୀବନ ରକ୍ଷା ହୋଇପାରିବ । ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ଉତ୍ସାହର ସହ ଭାଗ ନେଇଥିଲେ । କଟକ ରେଡକ୍ରସ୍ ରକ୍ତଭଣ୍ଡାର ଦ୍ୱାରା ସଫଳତାର ସହିତ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ପଦକ୍ଷେପ ସମାଜ ସେବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ପ୍ରତି ବିଏସଏନଏଲ ଏବଂ ଟିଡବ୍ଲୁଡବ୍ଲୁଓ ଓଡ଼ିଶାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ) ଶ୍ରୀ ଗଜେନ୍ଦ୍ର କୁମାର ଯାଦବ, ଟିଡବ୍ଲୁଡବ୍ଲୁଓ ସଚିବ ଗାୟତ୍ରୀ ମଲ୍ଲିକ ଏବଂ ଟିଡବ୍ଲୁଡବ୍ଲୁଓର ସକ୍ରିୟ ଅଂଶଗ୍ରହଣକାରୀ ଲିଲି ଜେନାମଣିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

## ମହିଳା ଟି-୨୦ ବିଶ୍ୱକପ ୨୦୨୬: ଘୋଷଣା ହେଲା କାର୍ଯ୍ୟସୂଚୀ



ନୂଆଦିଲ୍ଲୀ: ଆନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ମଙ୍ଗଳବାର ମହିଳା ଟି୨୦ ବିଶ୍ୱକପ ୨୦୨୬ର କାର୍ଯ୍ୟସୂଚୀ ଘୋଷଣା କରିଛି । ୧୨ ଜୁନରୁ ୫ ଜୁଲାଇ ପର୍ଯ୍ୟନ୍ତ ଏହା ଇଂଲଣ୍ଡ ଓ ୱେଲ୍ସରେ ଖେଳାଯିବ । ଗ୍ରୁପ ପର୍ଯ୍ୟାୟରେ ଦୁଇ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ । ଏହି ହାଇଭୋଲଟେଜ ମୁକାବିଲା ଜୁନ ୧୪ରେ ଏଜବେଷ୍ଟନରେ ଖେଳାଯିବ । ଗତ ମାସରେ ନେପାଳରେ ଅନୁଷ୍ଠିତ କ୍ୱାଲିଫାୟର ମୁକାବିଲା ପରେ ସମସ୍ତ ୧୨ଟି ଟିମ ଚୂଡାନ୍ତ ହୋଇଥିଲା । ଗ୍ରୁପ ୧ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଭାରତ, ପାକିସ୍ତାନ, ବାଂଲାଦେଶ ଓ ନେଦରଲାଣ୍ଡ ରହିଥିବା ବେଳେ ଗ୍ରୁପ ୨ରେ ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ ରହିଛନ୍ତି । ଆୟୋଜକ ଇଂଲଣ୍ଡ ଜୁନ ୧୨ରେ ଶ୍ରୀଲଙ୍କା ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ଏହା ଏଜବେଷ୍ଟନରେ ଖେଳାଯିବ । ନେଦରଲାଣ୍ଡ ପ୍ରଥମ ଥର ପାଇଁ ଏହି କ୍ରିକେଟ ମହାକୁମ୍ଭରେ ଭାଗ ନେବାକୁ ଯାଉଛି । ସେମିଫାଇନାଲ ମ୍ୟାଚ ଜୁନ ୩୦ ଓ ୨ ଜୁଲାଇରେ ଦି ଓଭାଲରେ ଖେଳାଯିବ । ୫ ଜୁଲାଇରେ ଫାଇନାଲ ମ୍ୟାଚ ଲର୍ଡସରେ ଆୟୋଜିତ ହେବ । ଗତ ବର୍ଷ ଦିନିକିଆ ବିଶ୍ୱକପ ଜିତିବା ପରେ ଏବେ ଭାରତୀୟ ଟି ଏହି ଟାଇଟଲ ହାତେଇବା ଲକ୍ଷ୍ୟରେ ରହିଛନ୍ତି ।

## ଆନ୍ତର୍ଜାତୀୟ ଟି-୨୦ରେ ଜିମ୍ବାୱେ ବିପକ୍ଷରେ ଭାରତ ପଲା ଭାରୀ




ନୂଆଦିଲ୍ଲୀ: ଟି୨୦ ବିଶ୍ୱକପ ସୁପର ଏଇଟର ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକା ନିକଟରୁ ଭାରତ ଶୋଚନୀୟ ଭାବେ ପରାଜିତ ହୋଇଛି । ଦ୍ୱିତୀୟ ମ୍ୟାଚରେ ଜିମ୍ବାୱେକୁ ଭେଟିବ ଭାରତ । ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜୀବୀତ ରଖିବାକୁ ହେଲେ ଭାରତକୁ ଏହି ମ୍ୟାଚରେ ବିଜୟ ହାସଲ କରିବା ସହ ରନରେଟ ସୁଧାରିବାକୁ ପଡିବ । ଆନ୍ତର୍ଜାତୀୟ ଟି୨୦ରେ ଜିମ୍ବାୱେ ବିପକ୍ଷରେ ଭାରତର ପଲା ଭାରୀ ରହିଛି । ଉଭୟ ଦେଶ ମଧ୍ୟରେ ଓଭରାଲ ୧୩ଟି ମ୍ୟାଚ ଖେଳାଯାଇଛି । ଭାରତ ୧୦ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ଜିମ୍ବାୱେ ୩ଟି ମୁକାବିଲାରେ ବାଜି ମାରିଛି । ସେହିପରି ଟି୨୦ ବିଶ୍ୱକପରେ ଉଭୟ ଦେଶ ମଧ୍ୟରେ ଗୋଟିଏ ମ୍ୟାଚ ଖେଳାଯାଇଛି । ଭାରତ ଏହି ମୁକାବିଲାରେ ବିଜୟ ହାସଲ କରିଛି । ୨୦୨୨ରେ ଖେଳା ଯାଇଥିବା ଏହି ମ୍ୟାଚରେ ଭାରତ ପ୍ରଥମେ ବ୍ୟାଟିଂ କରି ୧୮୬ ରନ କରିଥିଲା । ଜବାବରେ ଜିମ୍ବାୱେ ୧୧୫ ରନ କରି ଅଲଆଉଟ ହୋଇ ଯାଇଥିଲା । ଦୁଇ ଦେଶ ମଧ୍ୟରେ ୨୦୧୦ରେ ପ୍ରଥମ ଟି୨୦ ସିରିଜ ଖେଳା ଯାଇଥିଲା । ଭାରତ ଏଥିରେ କ୍ଲିନ ସୁଇପ କରିଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**